ରବିବାର
ସକାଳ
THE SAKALA
୨୯ ମାର୍ଚ୍ଚ- ଏପ୍ରିଲ୍ ୪ , ୨୦୨୬

# ସିନ୍ଦୂରା

- ଯୁଦ୍ଧ ପ୍ରଭାବ: ଦରବୃଦ୍ଧି ଆକାଶଛୁଆଁ
- ମହଙ୍ଗା ମାଡ଼
- ମୁଦ୍ରାସ୍ଫୀତି : ଅଦୃଶ୍ୟ ଲୁଟେରା
- ଭାରତ ଉପରେ ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ
- କ'ଣ କହୁଛି ଆଇନ୍




# ମହଙ୍ଗା ମାଡ଼



ମଧ୍ୟପ୍ରାଚ୍ୟରେ ମହାଯୁଦ୍ଧର ଭୟାବହତା । ଯୁଦ୍ଧ ବନ୍ଦ ନେଇ ଇରାନ୍-ଇସ୍ରାଏଲ୍, ଆମେରିକା ମଧ୍ୟରେ ହୋଇପାରୁନାହିଁ ସହମତି । ତେଣୁ ଯୁଦ୍ଧ ବନ୍ଦ ନେଇ କୌଣସି ବାଟ ଫିଟୁ ନାହିଁ । ସେପଟେ ଯୁଦ୍ଧ ଯୋଗୁଁ ବିଶ୍ୱ ଅର୍ଥନୀତି ପ୍ରଭାବିତ ହେବାରେ ଲାଗିଛି । ଏହାର ଗଭୀର ପ୍ରଭାବ ଭାରତ ଉପରେ ମଧ୍ୟ ପଡ଼ିଛି । ବିଶେଷ କରି ଦେଶରେ ଶକ୍ତି ସଂକଟ ଦେଖାଦେଇଛି । ଭାରତକୁ ତୈଳ ଓ ଗ୍ୟାସ୍ ଯୋଗାଣ ବାଧାପ୍ରାପ୍ତ ହୋଇଛି । ଫଳରେ ଗ୍ୟାସ୍, ଡିଜେଲ, ପେଟ୍ରୋଲ ଓ ଅତ୍ୟାବଶ୍ୟକୀୟ ଦ୍ରବ୍ୟର ଦର ବଢ଼ିବାରେ ଲାଗିଛି । ଭାରତ ନିଜ ଦେଶର ଆବଶ୍ୟକତା ପୂରଣ ପାଇଁ ପ୍ରାୟ ୬୦ ପ୍ରତିଶତ ତୈଳ ଉପସାଗରୀୟ ଦେଶରୁ ହର୍ମୁଜ ପ୍ରଣାଳୀ ଦେଇ ଆମଦାନି କରିଥାଏ । ତେବେ ଯୁଦ୍ଧ ଯୋଗୁଁ ହର୍ମୁଜ ପ୍ରଣାଳୀରେ ଅଚଳାବସ୍ଥା ଜାରି ରହିଛି । ଫଳରେ ଭାରତକୁ ଏଲ୍‌ପିଜି ଏବଂ ତୈଳ ଯୋଗାଣରେ ବାଧାପ୍ରାପ୍ତ ହୋଇଛି । ତେଣୁ ଦେଶରେ ରନ୍ଧନ ଗ୍ୟାସ୍‌ର ସଂକଟ ଦେଖାଦେଇଛି । ଏହାର ସୁଯୋଗ ନେଇ କିଛି ଅସାଧୁ ବ୍ୟବସାୟୀ ଓ ଦଲାଲ ଗ୍ୟାସ୍‌ର କଳାବଜାରୀ କରୁଛନ୍ତି । କଳାବାଜରୀକୁ ରୋକିବା ପାଇଁ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଉଛି । ତଥାପି ବିଭିନ୍ନ ଉପାୟରେ ବଜାରରେ ଗ୍ୟାସ୍ ଅଧିକ ଦରରେ ବିକ୍ରି ହେଉଛି । ଯଦି ଦୀର୍ଘ ଦିନ ଧରି ଯୁଦ୍ଧ ଲାଗି ରୁହେ ଆଗକୁ ଆହୁରି ସମସ୍ୟା ସୃଷ୍ଟି ହେବ । ପେଟ୍ରୋଲ୍, ଡିଜେଲ, ରନ୍ଧନ ଗ୍ୟାସ୍, ଅତ୍ୟାବଶ୍ୟକୀୟ ଜିନିଷର ଦରଦାମ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଏହି ପରିପ୍ରେକ୍ଷୀରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁଁ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦର ବୃଦ୍ଧିକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ଉପସ୍ଥାପନା: **ମହଙ୍ଗା ମାଡ଼**

ପ୍ରସ୍ତୁତି 'ସକାଳ' ବ୍ୟୁରୋ



## କେମିତି କଟିବ ସପ୍ତାହ

**ମେଷ**
ରବି, ସୋମବାରରେ ମାନସିକ ଅବସାଦର ଶିକାର ହୋଇପାରନ୍ତି । ମଙ୍ଗଳ, ବୁଧ, ଗୁରୁବାରରେ ସାଙ୍ଗସାଥୀଙ୍କ ସହ ଭୁଲ୍ ବୁଝାମଣା ପାଇଁ ଦୂରତା ବଢ଼ିବ । ଶୁକ୍ର, ଶନିବାରରେ କର୍ମକ୍ଷେତ୍ରରେ ଅସ୍ଥିରତା ଅନୁଭବ କରିବେ । ଭାଇ ଭଉଣୀଙ୍କ ସହଯୋଗ ପାଇବେ ।

**ବୃଷ**
ରବି, ସୋମବାରରେ ମନୋବଳ ଦୃଢ଼ କରି ଆଗକୁ ବଢ଼ିବେ । ସମସ୍ୟାର ସମାଧାନ ବାଟ ପାଇବେ । ମଙ୍ଗଳ, ବୁଧ, ଗୁରୁବାରରେ ପଡ଼ୋଶୀଙ୍କ ସହ ସମ୍ପର୍କରେ ଭିନ୍ନ ମୋଡ଼ ଦେଖାଦେବ । ଶୁକ୍ର, ଶନିବାରରେ ତରବରିଆ ଭାବରେ କୌଣସି ନିଷ୍ପତ୍ତି ନଅନ୍ତୁ ନାହିଁ ।

**ମିଥୁନ**
ରବି, ସୋମବାରରେ ପରିବାରରେ ଏକତା ବଢ଼ିବ । ମଙ୍ଗଳ, ବୁଧ, ଗୁରୁବାରରେ ବିଭିନ୍ନ କ୍ଷେତ୍ରରୁ ସଫଳତା ପାଇବେ । ବ୍ୟବସାୟ ବିସ୍ତାର ପାଇଁ ନୂତନ ପଥ ଉନ୍ମୋଚନ ହେବ । ଶୁକ୍ର, ଶନିବାରରେ ସୁଖ ସନ୍ତୋଷର ଅଧିକାରୀ ହେବେ । ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ ।

**କର୍କଟ**
ରବି, ସୋମବାରରେ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ପୂରା ହୋଇପାରେ । ମଙ୍ଗଳ, ବୁଧ, ଗୁରୁବାରରେ ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇ ପାରେ । ଶୁକ୍ର, ଶନିବାରରେ ସନ୍ତାନମାନଙ୍କ ଉନ୍ନତି ପାଇଁ ବିଭିନ୍ନ ପ୍ରକାର ପ୍ରଚେଷ୍ଟା ଜାରି ରଖିବେ । ବ୍ୟବସାୟରେ ହାନି ହୋଇପାରେ ।

**ସିଂହ**
ରବି, ସୋମବାରରେ ନିଜ ସ୍ୱାଧୀନତାରେ ବାଧା ସୃଷ୍ଟି ହୋଇପାରେ । ମଙ୍ଗଳ, ବୁଧ, ଗୁରୁବାରରେ ପରିବାରରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ । ଶୁକ୍ର, ଶନିବାରରେ ବ୍ୟବସାୟରେ ଲାଭାନ୍ୱିତ ହେବେ । କଠିନ ପରିଶ୍ରମ କରି ସଫଳତା ପାଇବେ ।

**କନ୍ୟା**
ରବି, ସୋମବାରରେ କ୍ୟାରିୟରରେ ଉନ୍ନତି ପରିଲକ୍ଷିତ ହେବ । ପରିବାରର ସହଯୋଗରେ ଅର୍ଥଚିନ୍ତା ଦୂର ହେବ । ମଙ୍ଗଳ, ବୁଧ, ଗୁରୁବାରରେ ଗୁପ୍ତ କଥାକୁ ଅନ୍ୟକୁ କହନ୍ତୁ ନାହିଁ । ଶୁକ୍ର, ଶନିବାରରେ ଉଚ୍ଚଆଶା ପୂରଣ ହୋଇପାରେ ।

**ତୁଳା**
ରବି, ସୋମବାରରେ ଅକସ୍ମାତ୍ ବନ୍ଧୁମିଳନ ହୋଇପାରେ । ମଙ୍ଗଳ, ବୁଧ, ଗୁରୁବାରରେ ବିବାଦୀୟ ପରିସ୍ଥିତିରୁ ଦୂରେଇ ରୁହନ୍ତୁ । ପରିବାରଠାରୁ ସହଯୋଗ ନ ପାଇ ଦୁଃଖିତ ହେବେ । ଶୁକ୍ର, ଶନିବାରରେ ବେରୋଜଗାରୀମାନଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିପାରେ ।

**ବିଛା**
ରବି, ସୋମବାରରେ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇବେ । ମଙ୍ଗଳ, ବୁଧ, ଗୁରୁବାରରେ ନୂଆ କାମ କରିବା ପାଇଁ ଉତ୍ସାହିତ ରହିବେ । ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ଚିନ୍ତିତ ରହିବେ । ଶୁକ୍ର, ଶନିବାରରେ ପାରିବାରିକ ନିବିଡ଼ତା ମଧ୍ୟ ବୃଦ୍ଧି ପାଇବ ।

**ଧନୁ**
ରବି, ସୋମବାରରେ ଆଶା କରୁଥିବା ଦିଗରୁ ସୁଫଳ ପାଇବେ । ଲାଗିରହିଥିବା ସମସ୍ୟାର ସମାଧାନ ହେବ । ମଙ୍ଗଳ, ବୁଧ, ଗୁରୁବାରରେ ଅଧିକ ବିଶ୍ୱାସ କରି ଠକାମିର ଶିକାର ହୋଇପାରନ୍ତି । ଶୁକ୍ର, ଶନିବାରରେ ଆର୍ଥିକ କ୍ଷେତ୍ରରେ ପରିବର୍ତ୍ତନ ଦେଖାଦେବ ।

**ମକର**
ରବି, ସୋମବାରରେ ଅତିଥିଙ୍କ ଆଗମନ ହୋଇପାରେ । ପରିବାରରେ ଆନନ୍ଦଉଲ୍ଲାସ ଦେଖାଦେବ । ମଙ୍ଗଳ, ବୁଧ, ଗୁରୁବାରରେ ବ୍ୟବସାୟରେ ଅଧିକ ପୁଞ୍ଜି ନିବେଶ କରି ଲାଭବାନ ହେବେ । ଶୁକ୍ର, ଶନିବାରରେ ଉଚ୍ଚଆଶା ପୂରଣ ହେବେ ।

**କୁମ୍ଭ**
ରବି, ସୋମବାରରେ କର୍ମକ୍ଷେତ୍ରରେ ବ୍ୟସ୍ତତା ମଧ୍ୟରେ ରହିବେ । ସମାଜରେ ମାନସମ୍ମାନର ଅଧିକାରୀ ହେବେ । ମଙ୍ଗଳ, ବୁଧ, ଗୁରୁବାରରେ ବ୍ୟବସାୟରେ ପ୍ରସାର ହୋଇପାରେ । ଶୁକ୍ର,ଶନିବାରରେ ଆର୍ଥିକ କ୍ଷେତ୍ରରେ ଉନ୍ନତି କରିବେ । ବନ୍ଧୁବାନ୍ଧବଙ୍କ ସହଯୋଗ ପାଇବେ ।

**ମୀନ**
ରବି, ସୋମବାରରେ ମାନସିକ ଅବସାଦରେ ରହିପାରନ୍ତି । କାର୍ଯ୍ୟରେ ବାଧାବିଘ୍ନ ସୃଷ୍ଟି ହୋଇପାରେ । ମଙ୍ଗଳ, ବୁଧ, ଗୁରୁବାରରେ ଧାର୍ମିକ କାର୍ଯ୍ୟରେ ମନବଳାଇବେ । ଆର୍ଥିକ ସ୍ଥିତି ସୁଦୃଢ଼ ରହିବ । ଶୁକ୍ର, ଶନିବାରରେ ଗୁରୁଜନଙ୍କ ପରାମର୍ଶ ପାଇ ଆଗକୁ ବଢ଼ିବେ ।

ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com

# ଯୁଦ୍ଧ ପ୍ରଭାବ
# ଦରବୃଦ୍ଧି ଆକାଶଛୁଆଁ




ବିଶ୍ୱର ବିକାଶଶୀଳ ଦେଶଗୁଡ଼ିକ ସହିତ ସମକକ୍ଷ ହେବା ପାଇଁ ଏବଂ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ପାଇଁ ଭାରତର କ୍ରମାଗତ ପ୍ରୟାସ ସ୍ୱାଗତଯୋଗ୍ୟ । ଆଇଟି, ଢାଞ୍ଚାଗତ ବିକାଶ, ଡିଜିଟାଲ୍ ଅର୍ଥନୀତି, ଷ୍ଟାର୍ଟଅପ୍ ଓ ବିଶ୍ୱ ବାଣିଜ୍ୟରେ ଦେଶର ସ୍ଥାନକୁ ଏକ ସ୍ୱତନ୍ତ୍ର ମାନ୍ୟତା ପ୍ରାପ୍ତିର ପ୍ରୟାସକୁ ଅନେକ ନୀତିସୃଷ୍ଟି ଓ ପାଳନ କର୍ତ୍ତାମାନେ ଗଣମାଧ୍ୟମ ଜରିଆରେ ପ୍ରଚାର କରିବା ଅତ୍ୟନ୍ତ ଆମୋଦଦାୟକ । ତେବେ ଏହି ବିକାଶର ପ୍ରଚ୍ଛଦପଟରେ ସାଧାରଣ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ଜୀବନରେ ଏକ କଠିନ ସତ୍ୟ ଲୁଚି ରହିଛି ତାହା ହେଉଛି ଅତ୍ୟାବଶ୍ୟକୀୟ ଦ୍ରବ୍ୟ ଓ ସେବାଗୁଡ଼ିକ ପାଇଁ ଅତିରିକ୍ତ ଦରବୃଦ୍ଧି । ଯାହାଫଳରେ ସେମାନଙ୍କର ଘରୋଇ ଖର୍ଚ୍ଚରେ ପ୍ରତିମାସ ନୂଆ ପ୍ରକାରର ଚାପ ସୃଷ୍ଟି ହୋଇଆସୁଛି । ସେମାନଙ୍କ ଆୟ ବୃଦ୍ଧି ହେଉଥିଲେ ମଧ୍ୟ, ବୃଦ୍ଧିର ହାର ଦରବୃଦ୍ଧିକୁ ଟପିବାରେ ଅକ୍ଷମ । ଏହାର ପରିଣାମରେ ସାରା ଦେଶ ଓ ରାଜ୍ୟର ମଧ୍ୟବିତ୍ତ ଓ ନିମ୍ନ ଆୟବର୍ଗ ଶ୍ରେଣୀର ଲୋକଙ୍କ ଜୀବନ ଅତ୍ୟନ୍ତ କଷ୍ଟସାଧ ହୋଇ ଯାଇଛି ।



ଡ. ବିମଳ ଷଡ଼ଙ୍ଗୀ

## ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରବୃଦ୍ଧି

ଦରବୃଦ୍ଧି କେବଳ ଅର୍ଥନୀତିର ଗୋଟିଏ ସଂଖ୍ୟା ନୁହେଁ, ଏହା ମଣିଷ ଜୀବନର ଗୁଣ, ସାମାଜିକ ସୁରକ୍ଷା ଓ ଅର୍ଥନୈତିକ ସ୍ଥିରତା ସହ ଜଡ଼ିତ ଏକ ଗଭୀର ପ୍ରଶ୍ନ । ଭାରତରେ ଏବଂ ଓଡ଼ିଶାରେ ଦରଦାମ ବୃଦ୍ଧିର ସବୁଠାରୁ ବଡ଼ ପ୍ରଭାବ ସେବାକ୍ଷେତ୍ର ଓ ଖାଦ୍ୟର ଦରବୃଦ୍ଧିରୁ ସୃଷ୍ଟି ହୋଇଥାଏ । କାରଣ, ଦେଶର ବହୁତ ଲୋକ ସେମାନଙ୍କ ଆୟର ମୁଖ୍ୟ ଭାଗ କେବଳ ବଞ୍ଚିବା ପାଇଁ ଖାଦ୍ୟରେ ଖର୍ଚ୍ଚ କରନ୍ତି ଅବଶିଷ୍ଟ ଅଂଶ ନିଜର ସନ୍ତାନସନ୍ତତିଙ୍କ ଭବିଷ୍ୟତ ବିକାଶ ନିମିତ୍ତ ସେମାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାରେ ବ୍ୟୟ କରନ୍ତି । ବେଳେବେଳେ ଜଳବାୟୁ ପରିବର୍ତ୍ତନ, ରାଜନୈତିକ ତ୍ରୁଟି, ଅସ୍ଥିର କୃଷି, ଶିକ୍ଷା ନୀତି ଆଦି ସମସ୍ୟା ଏହାକୁ ଅଧିକ ଗମ୍ଭୀର କରିଥାଏ । ଯେପରି ଆମେରିକାର ଚାପରେ ଭାରତ ଇରାନ ସହିତ ଆରମ୍ଭ କରିବାକୁ ଥିବା 'ଆଇପିଆଇ' ନୂତନ ପାଇପ୍ ଲାଇନ ପ୍ରକଳ୍ପରୁ ଓହରିଯାଇଛି, ଯାହା ଇରାନରୁ ପ୍ରାକୃତିକ ଗ୍ୟାସ୍ ସ୍ୱଳ୍ପ ମୂଲ୍ୟରେ ପାଇବାର ସ୍ୱପ୍ନକୁ ଧୂଳିସାତ କରିଛି । ଟଙ୍କାର କାରବାରକୁ ବନ୍ଦ କରିଛି । ଡଲାରରେ କାରବାର ବୃଦ୍ଧି ସହିତ ଦେଶରେ ଦର ବୃଦ୍ଧିକୁ ପ୍ରୋତ୍ସାହିତ କରିଛି । ସେହିପରି ୧୯୯୫ ମସିହାରୁ ତୁର୍କମେନିସ୍ତାନ ସହିତ ଆରମ୍ଭ ଥିବା ଗ୍ୟାସ ପାଇପ୍ ଲାଇନ ପ୍ରକଳ୍ପ ଆଜି ପର୍ଯ୍ୟନ୍ତ ଶେଷ ହୋଇନଥିବାରୁ ଭାରତରେ ଗ୍ୟାସ୍ ମୂଲ୍ୟ







ବଢ଼ି ଚାଲିଛି । ସେହିପରି ଅନିୟମିତ ବୃଷ୍ଟି, ଖରା, ବନ୍ୟା, ଗରମ ପବନ ଓ ଅନ୍ୟାନ୍ୟ ପ୍ରାକୃତିକ ବିପତ୍ତିଗୁଡ଼ିକ କୃଷି ଉତ୍ପାଦନକୁ ଅନେକାଂଶରେ ପ୍ରଭାବିତ କରୁଅଛି । କୃଷି ବିଜ୍ଞାନ କ୍ଷେତ୍ରରେ ସ୍ଥାଣୁତା ଓ ଅସ୍ୱଚ୍ଛ କୃଷି, କୃଷିଜାତ ଦ୍ରବ୍ୟର ସଂରକ୍ଷଣ ସ୍ଥାନ ଆଭାବ, ଚାଷୀମାନଙ୍କ ଉତ୍ପାଦର ଉଚିତ ମୂଲ୍ୟ ନିର୍ଦ୍ଧାରଣ ଆଦି ଯୋଗୁଁ ଚାଷପ୍ରତି ଅନାଗ୍ରହ ସୃଷ୍ଟି ଯୋଗୁ ଫସଲ ଉତ୍ପାଦନ କମି ଚାଲିଛି । ଫଳରେ ଯେତେବେଳେ ଫସଲ ଅମଳ କମିଯାଏ, ବଜାରରେ ସେଗୁଡ଼ିକର ଉପଲବ୍ଧତା ମଧ୍ୟ କମିଯାଏ । ସେଭଳି କୃଷି ଉତ୍ପାଦର ଦାମ ବଢ଼ିଯାଏ । ରାଜ୍ୟ ସ୍ତରରେ ମଧ୍ୟ ପିଆଜ, ଟମାଟୋ, ଆଳୁ, ଡାଲି ଭଳି ଦ୍ରବ୍ୟ ସହିତ ଅନ୍ୟାନ୍ୟ ପନିପରିବାର ମୂଲ୍ୟ ବୃଦ୍ଧି ଘଟିଥାଏ ମାତ୍ର, ସେଗୁଡ଼ିକକୁ ସୁଧାର କରିବା ପାଇଁ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ମୁଖ୍ୟ କାରଣ ହୋଇଥାଏ । ସେହିପରି ଖାଇବା ତେଲର ଆବଶ୍ୟକତାରେ ଭାରତ ଆମଦାନି ଉପରେ ନିର୍ଭରଶୀଳ । ପାମୋଲିନ, ସୋୟା, ସୂର୍ଯ୍ୟମୁଖୀ ଆଦି ତେଲ ବାହାର ଦେଶରୁ ଆସିଥାଏ । ବିଶ୍ୱ ବଜାରରେ ଯେତେବେଳେ ଦାମ ବଢ଼େ କିମ୍ବା ଯୁଦ୍ଧ ଓ ରାଜନୈତିକ ସଂକଟ ଘଟିଥାଏ, ତାହାର ପ୍ରଭାବ ସିଧାସଳଖ ଭାବରେ ଭାରତୀୟ ରୋଷେଇ ଘରେ ପଡ଼ିଥାଏ ।

ଚଳିତ ବର୍ଷ ଆମେରିକାର ଚାପରେ ରୁଷିଆ ଓ ଇରାନରୁ ତୈଳ ଆମଦାନୀ ହ୍ରାସ, ତତ୍ ସହିତ ଇରାନ ଓ ଆମେରିକା-ଇସ୍ରାଏଲ ଯୁଦ୍ଧ ସହିତ ଭାରତର କେତେଗୁଡିଏ ରାଜନୈତିକ ତ୍ରୁଟି ଯୋଗୁଁ ଦେଶରେ ଦରଦାମ ବୃଦ୍ଧିର କାରଣ ହୋଇଛି । ଖାଦ୍ୟ ସମସ୍ୟା ପରେ ସାଧାରଣ ଜନତା ସେମାନଙ୍କ ପିଲାମାନଙ୍କ ଭବିଷ୍ୟତ ସୁରକ୍ଷା ପାଇଁ ଅବଶିଷ୍ଟ ଅର୍ଥକୁ ସନ୍ତାନ ସନ୍ତତିଙ୍କ ଶିକ୍ଷାରେ ନିବେଶ କରନ୍ତି । ମାତ୍ର ଘରୋଇକରଣ ଶିକ୍ଷା ବ୍ୟବସ୍ଥାରେ ଶିକ୍ଷା ବେପାରୀଙ୍କ ମାୟାଜାଲ ସେମାନଙ୍କ ଅବଶିଷ୍ଟ ପୁଞ୍ଜିକୁ ହରଣ କରି ସେମାନଙ୍କୁ ବହୁ ବର୍ଷ ଧରି ଋଣର ଯନ୍ତାକୁ ଠେଲିଥାଏ । 'ନାସକମ'ର ତଥ୍ୟ ଅନୁସାରେ ଦେଶ ୮୫ପ୍ରତିଶତ ସାର୍ଟିଫିକେଟ୍ ଧାରି ଯୁବାବର୍ଗ କୌଣସି କାର୍ଯ୍ୟ କରିବାକୁ ଅଯୋଗ୍ୟ, ଯାହା ଶିକ୍ଷା ବେପାରରେ ଲିପ୍ତ ଦେଶର ୯୦ ଶତକଡ଼ା ଘରୋଇ ଅନୁଷ୍ଠାନରୁ ଉତ୍ପାଦିତ । କେବଳ ରଙ୍ଗିନ ପ୍ରଚାର ପତ୍ର ଓ ଗଣମାଧ୍ୟମର ଚଞ୍ଚକପୂର୍ଣ୍ଣ ବିଜ୍ଞାପନ ଏବଂ ଶାସନ ତନ୍ତ୍ରର ନୀରବତା ସେମାନଙ୍କ ଅର୍ଥକୁ ହରଣ କରି ପିଲାମାନଙ୍କ ଭବିଷ୍ୟତକୁ ଅନ୍ଧକାର ଗର୍ତ୍ତକୁ ଠେଲି ଦେଇଚାଲିଛି, ଯାହାଫଳରେ ଦେଶର କୋଟି କୋଟି ଯୁବବର୍ଗ ଆଜି ବେକାରୀର କରାଳ କବଳରେ କବଳିତ ।

ଚାହିଦା ଥିବା ଅନେକ କୃଷିଜାତ ଦ୍ରବ୍ୟର ଆମଦାନି ନିର୍ଭରତା ଦରଦାମ ବୃଦ୍ଧିର କାରଣ ହୋଇଥାଏ । ଆମ ଦେଶ ଓ ରାଜ୍ୟର ଖାଇବା ତେଲ ଓ ଡାଲି ଆଦି ବାହାର ଦେଶରୁ ଆସିଥାଏ । ବିଦେଶୀ ଦ୍ରବ୍ୟର ଦର ବଢ଼ିଲେ ଦେଶୀ ବଜାରକୁ ପ୍ରଭାବିତ କରିଥାଏ । ପାମ୍ ତେଲ (ପାମ୍ ଅୟେଲ) ପ୍ରଧାନତଃ ଇଣ୍ଡୋନେସିଆ, ମାଲେସିଆରୁ, ସୋୟାବିନ ତେଲ ଆର୍ଜେଣ୍ଟିନା ଓ ବ୍ରାଜିଲରୁ, ସୂର୍ଯ୍ୟମୁଖୀ ତେଲ ୟୁକ୍ରେନ୍ ଓ ରୁଷିଆରୁ ଆସିଥାଏ । ସେହିପରି ମସୁର ଡାଲି କାନାଡ଼ା ଏବଂ ଅଷ୍ଟ୍ରେଲିଆରୁ, ଚଣା ଓ ବୁଟ ଡାଲି ଅଷ୍ଟ୍ରେଲିଆ, ରୁଷିଆ, ମ୍ୟାନମାରରୁ, ହରଡ଼ ଡାଲି, ମ୍ୟାନମାର, ତାଞ୍ଜାନିଆ, ମୋଜାମ୍ବିକ ଭଳି ରାଷ୍ଟ୍ରଗୁଡ଼ିକରୁ ଆମଦାନି ହୋଇଥାଏ । ମୋଟାମୋଟି ହିସାବରେ କହିବାକୁ ଗଲେ ଆମ ଦେଶରେ ଧାନ ଓ ଗହମ ବ୍ୟତୀତ ଅନ୍ୟ ଚାହିଦା ଥିବା କୃଷିଜାତ ଦ୍ରବ୍ୟର ଚାଷ ପ୍ରତି ସରକାରଙ୍କ ଉଦାସୀନତା ଏବଂ ଆମର ଶିକ୍ଷା ବ୍ୟବସ୍ଥା ଦାୟୀ । କାରଣ ଉତ୍ତମ କୃଷି ଶିକ୍ଷା ଓ ସଠିକ୍ ରାଜନୈତିକ ପଦକ୍ଷେପ ଅଭାବରୁ ଏହି ଅସୁବିଧାକୁ ସମାଧାନ ହୋଇନଥାଏ । ଯଦି ଚାଷୀକୁଳ ବିକଶିତ ଜ୍ଞାନ କୌଶଳ, ଉନ୍ନତ ବିହନ, ଜୈବିକ ଖତସାର ବିନିଯୋଗ ପୂର୍ବକ ତୈଳ ବୀଜ ଓ ଡାଲି ଜାତୀୟ ଶସ୍ୟ ଉତ୍ପାଦନ ବୃଦ୍ଧି କରିବାକୁ ସମର୍ଥ ହୁଅନ୍ତେ, ତେବେ ବିଦେଶ ନିର୍ଭରତା କମିବ ଓ ଦେଶର ଉତ୍ପାଦନ ବୃଦ୍ଧିପାଇବ, କୃଷକଙ୍କ ଆୟ ବଢ଼ିପାରିବ ଓ ଦରଦାମ ମଧ୍ୟ କମିବ । ଅନ୍ୟ ଦେଶରୁ ଆମଦାନି ଅଧିକ ହେଲେ ଅନେକ ସମୟରେ ଯୁଦ୍ଧ, ରାଜନୈତିକ ଅସ୍ଥିରତା ଆଦି ଯୋଗୁ ଆମଦାନି ହ୍ରାସ ପାଇଲେ ଦରଦାମ ବୃଦ୍ଧି ହୋଇଥାଏ ।

## କୃଷି ଦ୍ରବ୍ୟରେ ଆମଦାନି ନିର୍ଭରତା



କମ୍ ଓ ଅନିୟମିତ ବୃଷ୍ଟିପାତ, ବନ୍ୟା, ଅତିରିକ୍ତ ଗ୍ରୀଷ୍ମ ପ୍ରବାହ, ବିଭିନ୍ନ ପ୍ରକାରର ରୋଗ, ମୃତ୍ତିକାର ନିମ୍ନଗାମୀ ଅବସ୍ଥା, ଦଲାଲ ବ୍ୟବସ୍ଥା, ଅନିଶ୍ଚିତ ବଣ୍ଟନ ବ୍ୟବସ୍ଥା, ଶୀତଳ ଭଣ୍ଡାରର ଅଭାବ, ବୃକ୍ଷଛେଦନ, ଅସୁରକ୍ଷିତ ଭୂତଳ ଜଳସ୍ତର ଓ ପ୍ରାକୃତିକ ଜଳ ଉତ୍ସଗୁଡ଼ିକର ଜଳଧାରଣ କ୍ଷମତା ହ୍ରାସ ଆଦି ଯୋଗୁ କୃଷି ଉତ୍ପାଦନ ହ୍ରାସ ପାଇଲେ ଦରଦାମ ବୃଦ୍ଧି ହୋଇଥାଏ । ସେହିପରି ସଠିକ୍ କୃଷିନୀତିର ଅଭାବ ଯୋଗୁ ଦେଶ ଓ ରାଜ୍ୟରେ

## ମହଜୁଦକାରୀ ଓ ଦଲାଲଙ୍କ ପ୍ରଭାବ

ମହଜୁଦକାରୀ ଓ ଦଲାଲଙ୍କ ଦ୍ୱାରା କୃତ୍ରିମ ଅଭାବ ସୃଷ୍ଟି ହେଲେ ମଧ୍ୟ ଦର ଦାମ ବଢ଼ିଯାଏ । ତେଣୁ ଏକ ନିୟନ୍ତ୍ରିତ ସ୍ୱଚ୍ଛ ବଣ୍ଟନ ବ୍ୟବସ୍ଥା କେବଳ ଦେଶ ଓ ରାଜ୍ୟର ଦରଦାମ ନିୟନ୍ତ୍ରଣ କରିବାକୁ ସମର୍ଥ ହୋଇପାରିବ । ଦେଶର ଖାଦ୍ୟଦ୍ରବ୍ୟର ରକ୍ଷଣାବେକ୍ଷଣ ପାଇଁ ଆବଶ୍ୟକୀୟ ଶୀତତାପ ନିୟନ୍ତ୍ରିତ ଭଣ୍ଡାରର ଅଭାବ ଫଳରେ ଚାଷୀ ଅମଳ ସମୟରେ ନିଜର ଉତ୍ପାଦକୁ ଶାଗମାଛ ଦରରେ ବେପାରୀମାନଙ୍କୁ ଦେଇଥାଏ । ଫଳରେ ଆରମ୍ଭରୁ ତା'ର ଚାଷରେ କ୍ଷତି ହୋଇଥାଏ । ସେହିଦୃଷ୍ଟିରୁ ପରବର୍ତ୍ତୀ ସମୟରେ ସେ ଚାଷରୁ ମୁହଁ ଫେରାଇବାକୁ ବାଧ୍ୟ ହୁଏ । ଯାହା ଅନ୍ୟ ଦେଶ ବା ରାଜ୍ୟର ନିର୍ଭରଶୀଳତାକୁ ପ୍ରୋତ୍ସାହନ କରିଥାଏ । ଉଦାହରଣ ସ୍ୱରୂପ, ଆମ ରାଜ୍ୟରେ କ୍ରମାଗତ ଭାବରେ ଆଳୁ ଅଭାବ ହେଉଥିଲେ ମଧ୍ୟ କୌଣସି ସରକାର ଆଳୁ ଚାଷକୁ ପ୍ରୋତ୍ସାହିତ କରି ନଥାନ୍ତି ବା ଚାଷର ବିକାଶ ପାଇଁ କୌଣସି ମନଖୋଲା କାର୍ଯ୍ୟ ଦେଖିବାକୁ ମିଳେ ନାହିଁ । ଏପରିକି ଆମର କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ବା ମୋଟା ଅଙ୍କ ଶୋଷଣ କରୁଥିବା ଘରୋଇ ଅନୁଷ୍ଠାନଗୁଡ଼ିକରୁ ଉନ୍ନତ ବୈଷୟିକ ଜ୍ଞାନଧାରୀ ନୂତନ କୌଶଳ ପ୍ରସ୍ତୁତ କରିବାକୁ ଅକ୍ଷମ, ଯାହା ଦରବୃଦ୍ଧି ସହିତ ବେକାରି ବୃଦ୍ଧିର ଏକ ପ୍ରଧାନ କାରଣ । ସେହିକାରଣରୁ ଉତ୍ପାଦନରେ ସଂରଚନାତ୍ମକ ପରିବର୍ତ୍ତନ ହୋଇନଥିବାରୁ କୃଷିଜାତ ଦ୍ରବ୍ୟ ଆମଦାନି ଚାପ ଅବ୍ୟାହତ ରହିଥାଏ ।

## ଜିଏସ୍‌ଟି ହ୍ରାସ ସତ୍ତ୍ୱେ ଦାମ ଅପରିବର୍ତ୍ତିତ




ଭାରତରେ ଜିଏସ୍‌ଟିକୁ ସରଳ ଓ ପାରଦର୍ଶୀ କର ଭାବେ ପରିଚୟ ଦିଆଯାଇଥିଲା । ଯାହାର ଲକ୍ଷ୍ୟ ଥିଲା କର ଭାର ଲାଘବ କରି ଉପଭୋକ୍ତାଙ୍କୁ ସିଧାସଳଖ ଲାଭ ଦେବା । ତେବେ ବ୍ୟବହାରିକ ଭାବେ ଦେଖାଯାଉଛି, ଜିଏସ୍‌ଟି ହାର କମିଲେ ମଧ୍ୟ ବହୁତ ସାମଗ୍ରୀର ଦାମ ପୂର୍ବବତ୍ ରହିଯାଇଛି । ଏହି ପରିସ୍ଥିତି ଏକ ମୁଖ୍ୟ ପ୍ରଶ୍ନ ଉଠାଏ, 'କର କମିଲେ ମଧ୍ୟ ଦରଦାମ କାହିଁକି କମୁନାହିଁ' ? ସର୍ବପ୍ରଥମେ, ଏହାର ପଛରେ **ବ୍ୟବସାୟୀ ମନୋଭାବ** ଏକ ମୁଖ୍ୟ କାରଣ । ବହୁତ ବ୍ୟବସାୟୀ ଜିଏସ୍‌ଟି କମିବାର ଲାଭକୁ ଉପଭୋକ୍ତାଙ୍କୁ ଦେବା ପରିବର୍ତ୍ତେ ନିଜ ଲାଭ ବୃଦ୍ଧି ପାଇଁ ରଖିଦେଇଛନ୍ତି, ଯାହାକୁ 'ପ୍ରଫିଟ୍ ମାର୍ଜିନ୍ ଆଡଜଷ୍ଟମେଣ୍ଟ' ବୋଲି କୁହାଯାଏ । ତେଣୁ କାଗଜରେ କର ହାର କମିଲେ ମଧ୍ୟ ବଜାର ଦାମରେ କୌଣସି ପରିବର୍ତ୍ତନ ଦେଖାଯାଏ ନାହିଁ । ଦ୍ୱିତୀୟତଃ, କଞ୍ଚାମାଲ, ପେଟ୍ରୋଲ-ଡିଜେଲ, ପରିବହନ ଓ ଶ୍ରମ ଖର୍ଚ୍ଚ ବଢ଼ିଲେ ଉତ୍ପାଦନ ମୂଲ୍ୟ ବୃଦ୍ଧି ପାଏ । ଏହା ଜିଏସ୍‌ଟି କମିବାର ଲାଭକୁ ପୂରାପୂରି ନଷ୍ଟ କରିଥାଏ । ଉଦାହରଣ ସ୍ୱରୂପ, ପରିବହନ ଖର୍ଚ୍ଚ ବଢ଼ିଲେ ଶେଷ ଦାମରେ ସେହି ପ୍ରଭାବ ପଡ଼ିଥାଏ । **ତୃତୀୟତଃ, ବଜାରରେ ପ୍ରତିସ୍ପର୍ଦ୍ଧାର ଅଭାବ**, ଯଦି କିଣାବିକା ବା ଉତ୍ପାଦନ କେବଳ କିଛି ମୁଖ୍ୟ କମ୍ପାନୀ କବ୍‌ଜାରେ ରହିଥାଏ, ସେମାନେ ମିଳିମିଶି ଦରଦାମକୁ ନିୟନ୍ତ୍ରଣ କରନ୍ତି । ଏଥିରେ ଉପଭୋକ୍ତାଙ୍କ ପାଇଁ ବିକଳ୍ପ କମ୍ ଥାଏ । ଏପରିକି ଦାମ କମିବାର ଆଶା ମଉଳି ପଡ଼େ । **ଚତୁର୍ଥତଃ, ସଚେତନତାର ଅଭାବ**, ଅଧିକାଂଶ ଗ୍ରାହକ ଜିଏସ୍‌ଟି ହାର କମିଲା କି ନାହିଁ ଜାଣିନଥାନ୍ତି । ତେଣୁ ବ୍ୟବସାୟୀମାନେ ଦାମ୍ କମାଇ ନଥିଲେ ମଧ୍ୟ ଗ୍ରାହକ ପ୍ରତିବାଦ କରିନଥାନ୍ତି । ଏହା ଗୋଟିଏ ପ୍ରକାର ଅସମତା ସୃଷ୍ଟି କରେ । **ପଞ୍ଚମତଃ, ସରକାରଙ୍କ ପକ୍ଷରୁ ଥିବା ଆଣ୍ଟି-ପ୍ରଫିଟିଅରିଂ** ନିୟମର କାର୍ଯ୍ୟ କ୍ଷମତା ଉପରେ ମଧ୍ୟ ପ୍ରଶ୍ନ ଉଠୁଛି । ଯଦିଓ ଏହି ବ୍ୟବସ୍ଥା ଥିବା ସତ୍ତ୍ୱେ, ତାହାର କଡ଼ା ଉପଯୋଗୀ ନ ହେବାରୁ ବ୍ୟବସାୟୀମାନେ ଦାମ କମାଇବାରେ ଅନିଚ୍ଛା ପ୍ରକାଶ କରନ୍ତି । ଏହା ସହିତ, ବ୍ୟବସାୟୀମାନଙ୍କ ନିଜ **ମନୋବୃତ୍ତିକ କାରଣ** ମଧ୍ୟ ଦେଖାଯାଏ, ଥରେ ଦାମ ବଢ଼ି ଗଲେ, ସେହି ଦାମକୁ ପୁଣି ଥରେ କମାଇବାକୁ ବ୍ୟବସାୟୀମାନେ ମାନସିକ ଭାବେ ପ୍ରସ୍ତୁତ ନଥାନ୍ତି । ଯାହାକୁ 'ଧାର୍ଯ୍ୟ ମୂଲ୍ୟ ଉପରେ ବଳବତ୍ତର' ବୋଲି କୁହାଯାଏ । **ଏଥିନିମିତ୍ତ** ପ୍ରଥମେ, ସରକାରଙ୍କୁ ଆଣ୍ଟି-ପ୍ରଫିଟିଅରିଂ ଆଇନକୁ କଡ଼ାକଡି ଭାବରେ କାର୍ଯ୍ୟ କରାଇବା ଆବଶ୍ୟକ । ଦ୍ୱିତୀୟତଃ, ଗ୍ରାହକମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଆବଶ୍ୟକ, ଯାହାଫଳରେ ସେମାନେ ପ୍ରତ୍ୟେକ ଦ୍ରବ୍ୟ କିଣିବା ପରେ ବିଲ୍ ଚାହିବେ ଏବଂ କର ହାର ଯାଞ୍ଚ କରିବେ । ତୃତୀୟତଃ, ବଜାରରେ ସୁସ୍ଥ ପ୍ରତିସ୍ପର୍ଦ୍ଧା ଉତ୍ସାହିତ କରିବା ଆବଶ୍ୟକ, ଯାହା ଦରଦାମକୁ ସ୍ୱାଭାବିକ ଭାବେ ହ୍ରାସ କରିପାରିବ ।




## ବୈଷୟିକ ଜ୍ଞାନ କୌଶଳ ଓ ଯାନ୍ତ୍ରିକ ଶିଳ୍ପର ଆମଦାନି

ଆଧୁନିକ ଅର୍ଥନୀତିରେ ବୈଷୟିକ ଜ୍ଞାନ କୌଶଳ ହେଉଛି ସର୍ବାଧିକ ମୂଲ୍ୟବାନ ସମ୍ପଦ । କିନ୍ତୁ ଭାରତ ବୈଷୟିକ ଶିକ୍ଷାର ଅତିରିକ୍ତ ଘରୋଇକରଣ ଆଜି ପ୍ରଯୁକ୍ତି ଉତ୍ପାଦନରେ ସବୁଠାରୁ ପଛୁଆ ରାଷ୍ଟ୍ରର ମାନ୍ୟତା ପାଇଛି । ଦେଶରେ ଏଆଇସିଟିଇ,ନ୍ୟାକ୍,ଏନ୍‌ବିଏ, ୟୁଜିସି ଓ ଓଡ଼ିଶାର ଏକମାତ୍ର ବୈଷୟିକ ବିଶ୍ୱବିଦ୍ୟାଳୟ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ଆଦି ବହୁତ ବଡ଼ ଅନୁଷ୍ଠାନ ସାଧାରଣ ବ୍ୟକ୍ତିଙ୍କ କର ଦ୍ୱାରା ବହୁ ଅର୍ଥବ୍ୟୟରେ ସରକାରଙ୍କ ଦ୍ୱାରା ଗଢ଼ି ଉଠିଛି, ମାତ୍ର ସେଗୁଡ଼ିକର କୁପରିଚାଳନା ଏବଂ ସେଠାରେ ନିୟୋଜିତ ଉଚ୍ଚ ଅଧିକାରୀମାନଙ୍କର ନିନ୍ଦନୀୟ କାର୍ଯ୍ୟଗୁଡ଼ିକ ଯୋଗୁଁ ଆଜି ଘରୋଇ ବୈଷୟିକ ଶିକ୍ଷାନୁଷ୍ଠାନର ଜାଲି କାଗଜପତ୍ର, ଭିତ୍ତିଭୂମିର ଅଭାବ, ଅଳ୍ପ ସଂଖ୍ୟକ (୪୦ ଶତକଡ଼ା) ଶିକ୍ଷକଙ୍କୁ ନେଇ କେବଳ ଉଚ୍ଚମାନର ଅନୁଷ୍ଠାନ ନାମକରଣ କରି ଅନୁମୋଦନ ଦେବା ପାଇଁ ଉଦ୍ଦିଷ୍ଟ ଥିବାର ଅନୁମେୟ । ଯାହାଫଳରେ ଆଜି ଦେଶର କୋଟି କୋଟି ବୈଷୟିକ ଜ୍ଞାନଧାରୀ ଯୁବଶକ୍ତି ଅକୁଶଳୀ, ଅକ୍ଷମ ବୋଲି 'ନାସକାମ'ର



## ଔଷଧ ଓ ସ୍ୱାସ୍ଥ୍ୟ ସେବା ଖର୍ଚ୍ଚ

ଦରବୃଦ୍ଧି ସହିତ ଔଷଧ ଓ ସ୍ୱାସ୍ଥ୍ୟ ସେବାର ଖର୍ଚ୍ଚ ମଧ୍ୟ ବହୁଗୁଣିତ । ଇନ୍‌ସୁରାନ୍ସ କମ୍ପାନୀଗୁଡ଼ିକ ମାଧ୍ୟମରେ ସ୍ୱାସ୍ଥ୍ୟ ସେବା ବଦଳରେ ଘରୋଇ ହସ୍ପିଟାଲ୍‌ଗୁଡ଼ିକ କେବଳ ମଧ୍ୟବିତ୍ତ ଓ ସାଧାରଣ ଜନତାଙ୍କୁ ଶୋଷଣରେ ବ୍ୟସ୍ତ । ଔଷଧର ମାତ୍ରାଧିକ ଦର, ଘରୋଇ ଚିକିତ୍ସାଳୟର ଶୋଷଣ, ସ୍ୱାସ୍ଥ୍ୟ ସୁରକ୍ଷା ଉପରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ଶକ୍ତି ନିର୍ଭରତା ଅଧିକ ଦରବୃଦ୍ଧିର ସବୁଠାରୁ ବଡ଼ କାରଣ

ଭାରତର ବିଦେଶୀ ଆମଦାନି ବଢ଼ିବାର ପ୍ରମୁଖ କାରଣ ହେଉଛି - ଅଶୋଧିତ ତେଲ ଉପରେ ନିର୍ଭରତା । ନିକଟରେ ଯାହାକୁ ଆୟୁଧ କରି ଆମେରିକା ଭାରତୀୟ ରପ୍ତାନି ଉପରେ ଅଧିକ କର ଧାର୍ଯ୍ୟ କରିଥିଲା । ପରେ ଭାରତ ବାଧ୍ୟ ହୋଇ ଋଷିଆରୁ କମ୍ ଦାମରେ କିଣୁଥିବା ଅଶୋଧିତ ତୈଳର ଆମଦାନୀ ବନ୍ଦ ବା ହ୍ରାସ କରି ଅଧିକ ଦାମରେ ଆମେରିକା ଓ ତାହାର ସହଯୋଗୀ ରାଷ୍ଟ୍ରଗୁଡ଼ିକରୁ କିଣିବାକୁ ବାଧ୍ୟ ହୋଇଥିଲା । ଏହିପରି ଆମଦାନୀ ଆମଦେଶ ଓ ରାଜ୍ୟର ଦରଦାମ ଉପରେ ମଧ୍ୟ ଗଭୀର ପ୍ରଭାବ ପକାଇଥାଏ । ଯେହେତୁ ଆମେ ସ୍ୱାଧୀନତାର ୭୯ ବର୍ଷ ପରେ ମଧ୍ୟ ଆମର ଶକ୍ତି ଆବଶ୍ୟକତାକୁ ପରିଚାଳନା କରିବାକୁ ଅକ୍ଷମ, ସେ ଦୃଷ୍ଟିରୁ ଦେଶର ପ୍ରୟୋଜନୀୟ ପେଟ୍ରୋଲିୟମର ବଡ଼ ଅଂଶ ବାହାର ଦେଶରୁ ଆସିବାକୁ ବାଧ୍ୟ । ଶିଳ୍ପ, ବିଦ୍ୟୁତ୍ ଉତ୍ପାଦନ, ଯାତାୟାତ ଓ କୃଷି ସବୁ କ୍ଷେତ୍ରରେ ତେଲର ଅତ୍ୟାବଶ୍ୟକତା କାରଣରୁ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକ, ବିଶେଷକରି ସାଉଦି ଆରବ ଓ ଇରାକ, ଇରାନ ପରି ଦେଶରୁ ଭାରତକୁ ଅଧିକ ତେଲ କିଣିବାକୁ ପଡ଼ିଥାଏ । ଯେହେତୁ ବିଶ୍ୱ ବଜାରରେ କିଣାବିକା ପାଇଁ ଆମକୁ ଡଲାର ଉପରେ ନିର୍ଭର କରିବାକୁ ପଡ଼ିଥାଏ । ତେଣୁ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ ହ୍ରାସ ହେଲେ ଆମଦାନି ମୂଲ୍ୟ ବଢ଼ିଥାଏ । ଅତୀତରେ ଆମେରିକା ଚାପରେ ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ମାଧ୍ୟମରେ ସ୍ଥିରୀକୃତ ଭାରତୀୟ ମୁଦ୍ରାବିନିମୟରେ ଇରାନରୁ ଭାରତର ତୈଳ ଆମଦାନି ପ୍ରସ୍ତାବରୁ ମଧ୍ୟ ଓହରି ଆସିଥିଲା, ଯାହା ଭାରତର ଅର୍ଥନିତୀକୁ ଗଭୀର ଭାବରେ ପ୍ରଭାବିତ କରିଛି ବର୍ତ୍ତମାନର ଦରଦାମ ବୃଦ୍ଧିର ପ୍ରମୁଖ କାରଣ ହୋଇଛି ।







ତଥ୍ୟ ପ୍ରମାଣ କରିଛି । ଯାହାକୁ ସରକାର ଜାଣି ମଧ୍ୟ ନୀରବ । ଏକ ଅଣକୁଶଳୀ ବୈଷୟିକ ଜ୍ଞାନଧାରୀ ଯୁବଗୋଷ୍ଠୀ କେବେହେଲେ ବି ଦେଶର ବୈଷୟିକ ଜ୍ଞାନକୁ ଗତିଶୀଳ କରିପାରିବେ ନାହିଁ, ସେଥିପାଇଁ ଭାରତ ସେମିକଣ୍ଡକ୍ଟର, ଇଲେକ୍ଟ୍ରୋନିକ୍ ଚିପ୍, ମେଡିକାଲ୍ ଯନ୍ତ୍ର, ମେସିନ ଟୁଲ୍ ଇତ୍ୟାଦି ବାହାର ଦେଶରୁ କିଣିବାକୁ ବାଧ୍ୟ ହୋଇଥାଏ । ବିଶେଷକରି ଚୀନ୍, ଜାପାନ ଓ ଦକ୍ଷିଣ କୋରିଆ ଏହି କ୍ଷେତ୍ରରେ ଭାରତର ମୁଖ୍ୟ ଯୋଗାଣକାରୀ ରାଷ୍ଟ୍ର । ସେହିପରି ଆମେରିକା ଓ ଅନ୍ୟାନ୍ୟ ରାଷ୍ଟ୍ର ସଫ୍ଟୱେୟାର୍ ରପ୍ତାନି କରିବାରୁ ଦେଶର ଆମଦାନୀ ଖର୍ଚ୍ଚ ବଢ଼େ । ଦେଶରେ ସେମିକଣ୍ଡକ୍ଟର ଉତ୍ପାଦନ ପ୍ରତିଷ୍ଠା ଶୁଣିବାକୁ ଭଲ ଲାଗିଲେ ମଧ୍ୟ ତାହାକୁ ପରିଚାଳନା କରିବାକୁ ଭାରତରେ କୁଶଳୀ ଯନ୍ତ୍ରୀଙ୍କ ଅଭାବ ରହିଛି ଯାହା ପ୍ରଣିଧାନ ଯୋଗ୍ୟ ।








## ଆମଦାନି ଓ ରପ୍ତାନି ମଧ୍ୟରେ ଅସନ୍ତୁଳନତା

ବିଦେଶୀ ଆମଦାନି ବେଶି ଦେଶୀ ଦ୍ରବ୍ୟର କମ୍ ରପ୍ତାନି ଦେଶ ତଥା ରାଜ୍ୟର ଅର୍ଥନୀତି ପାଇଁ ଏକ ସତର୍କ ସଙ୍କେତ । ଆଜିର ବିଶ୍ୱୀକୃତ ଅର୍ଥନୀତିରେ କୌଣସି ଦେଶର ଅର୍ଥନୈତିକ ସ୍ଥିରତା ତାହାର ବ୍ୟାପାର ସନ୍ତୁଳନତା ଉପରେ ନିର୍ଭର କରେ । ଯେତେବେଳେ ଗୋଟିଏ ଦେଶ ବାହାରୁ ଅଧିକ କିଣେ ଓ କମ୍ ବିକିଥାଏ । ସେଥିରେ ଦେଶର ବେପାର କ୍ଷତିରେ ଚାଲେ । ଦେଶର ମୁଦ୍ରା ଉପରେ ଚାପ ପଡ଼ିଥାଏ । ଭାରତ ବହୁ ବର୍ଷ ଧରି ଏହି ସମସ୍ୟା ସହ ହନ୍ତସନ୍ତ ହେଉଛି । ଖାଇବା ତେଲ, ଡାଲି, ପେଟ୍ରୋଲିୟମ ସାମଗ୍ରୀ, ଇଲେକ୍‌ଟ୍ରୋନିକ୍ସ ଉପକରଣଠାରୁ ଆରମ୍ଭ କରି ଉଚ୍ଚ ଟେକ୍ନୋଲୋଜି ପର୍ଯ୍ୟନ୍ତ ଅନେକ କ୍ଷେତ୍ରରେ ଆମଦାନି ବଢ଼ି ଚାଲିଛି । ତେଣୁ ଯେତେଦିନ ପର୍ଯ୍ୟନ୍ତ ରପ୍ତାନି ଏହା ସହିତ ସନ୍ତୁଳିତ ନହୋଇଛି, ସେତେଦିନ ପର୍ଯ୍ୟନ୍ତ ଦରଦାମ ନିୟନ୍ତ୍ରିତ ହୋଇ ପାରିବ ନାହିଁ । ଏହା କେବଳ ଅର୍ଥନୀତିକ ପ୍ରଶ୍ନ ନୁହେଁ, ବରଂ ନୀତି, ଉତ୍ପାଦନ ଓ ଉପଭୋଗ ରୂପରେ ଏକ ଗଭୀର ସଂରଚନାତ୍ମକ ସମସ୍ୟା । ଭାରତ ବିଶ୍ୱର ସବୁଠାରୁ ବଡ଼ ଉପଭୋକ୍ତା ବଜାରଗୁଡ଼ିକ ମଧ୍ୟରୁ ଗୋଟିଏ । ଦେଶ ଓ ରାଜ୍ୟରେ ମଧ୍ୟମବର୍ଗଙ୍କ ଆୟ ବଢୁଛି, ଯାହା ଉପଭୋଗକୁ ବୃଦ୍ଧି କରାଉଛି । ମୋବାଇଲ୍, ଇଲେକ୍‌ଟ୍ରୋନିକ୍ସ, ସୁନା, ରୁପା, ହୀରା, ଗାଡ଼ି, ଲାଇଫ୍ ଷ୍ଟାଇଲ୍ ସାମଗ୍ରୀ ଆଦିର ଅତ୍ୟଧିକ ବ୍ୟବହାର ପାଇଁ ବିଦେଶ ଆମଦାନି ବଢୁଛି । କାରଣ ସେଗୁଡ଼ିକ ଉତ୍ପାଦନରେ ଆମଦେଶ କେବେବି ଚିନ୍ତିତ ନଥାନ୍ତି । ଫଳରେ ଦେଶୀ ଉତ୍ପାଦନ ଏହି ଚାହିଦାକୁ ପୂରଣ କରିବାକୁ ଅକ୍ଷମ ଯାହା ବାହାର ଆମଦାନି ସାମଗ୍ରୀକୁ ପ୍ରୋତ୍ସାହିତ କରିଥାଏ ।

## ଟଙ୍କା ଦୁର୍ବଳ ହେଲେ ଆମଦାନି ଦରବୃଦ୍ଧି

ଭାରତୀୟ ଟଙ୍କା ଯେତେବେଳେ ଡଲାର ସମ୍ମୁଖରେ ଦୁର୍ବଳ ହୁଏ, ଆମଦାନି ଦ୍ରବ୍ୟ ଦର ବୃଦ୍ଧି ହୋଇଯାଏ । ଟଙ୍କା ଦୁର୍ବଳ ହେବା ପଛରେ କିଛି ଅର୍ଥନୈତିକ କାରଣ ମଧ୍ୟ ରହିଛି । ଆମଦାନି ଅଧିକ, ରପ୍ତାନି କମ୍, ବିଶ୍ୱ ଅର୍ଥନୀତିର ଅସ୍ଥିରତା, ବିଦେଶୀ ନିବେଶ ହ୍ରାସ, ଡଲାରର ଶକ୍ତିବୃଦ୍ଧି ଏହି ପରିସ୍ଥିତିକୁ ସମ୍ଭାଳିବାରେ ଭାରତୀୟ ରିଜର୍ଭ ବ୍ୟାଙ୍କର ସୁଧ ହାର, ମୁଦ୍ରା ପ୍ରବାହ ଓ ବିନିମୟ ନୀତି ଦ୍ୱାରା ହସ୍ତକ୍ଷେପ କରାଯାଏ । ଯେଉଁ ସ୍ଥାନରେ ଏହାର ବ୍ୟତିକ୍ରମ ଘଟେ, ସେଠାରେ ଦରବୃଦ୍ଧି ଘଟିଥାଏ । ଘରୋଇ ଖୁଚୁରା ବଜାରର ଅବନତି, ଦରଦାମ ବୃଦ୍ଧିର ଅନ୍ୟ ଦିଗ ହେଉଛି ବଜାରର ମାନ୍ଦା ଅବସ୍ଥା । ଯେତେବେଳେ ଲୋକଙ୍କ ଆୟ ବଢୁ ନାହିଁ, କିନ୍ତୁ ଦାମ ବଢୁଛି । ସେତେବେଳେ ସେମାନେ କେବଳ ଆବଶ୍ୟକ ଜିନିଷ କିଣନ୍ତି । ପୋଷାକ, ଇଲେକ୍‌ଟ୍ରୋନିକ୍ସ, ଘରୋଇ ସାମଗ୍ରୀ, ମନୋରଞ୍ଜନ ଖର୍ଚ୍ଚ ହ୍ରାସ ପାଇଥାଏ । ଫଳରେ ଛୋଟ ଛୋଟ ଦୋକାନଗୁଡ଼ିକର ଆୟ କମେ, ଉତ୍ପାଦନ କମେ, ଚାକିରି ସୃଷ୍ଟି ସୀମିତ ହୁଏ । ତା' ସହିତ ଅନ୍‌ଲାଇନ୍ ବ୍ୟବସାୟ ବୃଦ୍ଧି ମଧ୍ୟ ପାରମ୍ପରିକ ଖୁଚୁରା ବଜାରକୁ ଅଧିକ ଚାପ ଦେଇ ନଷ୍ଟ କରିଚାଲିଛି ।

## ରପ୍ତାନି କମ୍ ହେବାର ମୂଳ ସମସ୍ୟା

ଭାରତର ରପ୍ତାନି କମ୍ ହେବାର ମୁଖ୍ୟ କାରଣ ହେଉଛି ଉତ୍ପାଦକ ସଂସ୍ଥାର ଦୁର୍ବଳତା ସହିତ ବୈଷୟିକ ଜ୍ଞାନକୌଶରେ ଭାରତର ବିଯୁକ୍ତାତ୍ମକ ଗତି । ଭାରତ ସେବା କ୍ଷେତ୍ରରେ ଶକ୍ତିଶାଳୀ, କିନ୍ତୁ ପଦାର୍ଥ ଉତ୍ପାଦନ ପ୍ରତିଯୋଗିତାରେ ନିମ୍ନଗାମୀ । ଉଚ୍ଚ ଲଜିଷ୍ଟିକ୍ସ ଖର୍ଚ୍ଚ, ବିଦ୍ୟୁତ ମୂଲ୍ୟ, ପରିବହନ ସମସ୍ୟା, ନୀତି ଅସ୍ଥିରତା, ବୈଷୟିକ ଜ୍ଞାନକୌଶଳ ଓ ଗବେଷଣାରେ ନିମ୍ନ ନିବେଶ, ଛୋଟ ଶିଳ୍ପ ଗଠନ ଆଦି ନୀତି ରପ୍ତାନିକୁ ପ୍ରଭାବିତ କରେ ଏବଂ କେବେ କେବେ ଖାଦ୍ୟ ସୁରକ୍ଷା ଦୃଷ୍ଟିରୁ ଭାରତ ରପ୍ତାନି ନିଷେଧ କରିଥାଏ, ଯାହା ବିଦେଶୀ ବଜାରରେ ବିଶ୍ୱାସକୁ କମାଇଥାଏ । ଚୀନ୍ ଦୀର୍ଘଦିନ ନିଜର ଶିକ୍ଷା, ବୈଷୟିକ ଜ୍ଞାନ, ଗବେଷଣା ପ୍ରତି ଧ୍ୟାନ, ସମସ୍ତ ଶିକ୍ଷାର ସରକାରୀକରଣ, ମ୍ୟାନୁଫାକ୍ଚରିଂକୁ ମୁଖ୍ୟ ନୀତି ମାଧ୍ୟମରେ ନିଜକୁ ବିକଶିତ କରିଚାଲିଛି । ବଡ଼ ଶିଳ୍ପ ଅଞ୍ଚଳ, ରପ୍ତାନି କୈନ୍ଦ୍ରିକ ନୀତି ଓ ସ୍ୱଳ୍ପ ମୂଲ୍ୟରେ ଉତ୍ପାଦନ ମାଧ୍ୟମରେ ସେ ବିଶ୍ୱର କାରଖାନା ହୋଇଯାଇଛି । ଭାରତ ଏଯାବତ୍ ସେବା ଭିତ୍ତିକ ଅର୍ଥନୀତି ଉପରେ କେବଳ ନିର୍ଭରଶୀଳ । ଏହି ଗଠନାତ୍ମକ ତଫାତ୍ ଦୁଇ ଦେଶର ବ୍ୟାପାରକୁ ପ୍ରଭାବିତ କରିଥାଏ ।



## ଦୀର୍ଘକାଳୀନ ପଦକ୍ଷେପର ଆବଶ୍ୟକତା



ସାମୁଦ୍ରିକ ଉତ୍ସଗୁଡ଼ିକର ସଦୁପଯୋଗ, କୃଷିର ଉତ୍କର୍ଷତା ମାଧ୍ୟମରେ ତୈଳବୀଜ, ଡାଲିଜାତୀୟ ଶସ୍ୟର ଉତ୍ପାଦନ ବୃଦ୍ଧି କରିବାକୁ ପଡ଼ିବ । ବାହ୍ୟ ଚାପରେ ପ୍ରଭାବିତ ନହୋଇ ରାଷ୍ଟ୍ରହିତକୁ ଅଗ୍ରାଧିକାର ଆମର ବୈଦେଶିକ ନୀତିକୁ ପରିଚାଳନା କରିବାକୁ ପଡ଼ିବ । ତେଲ ଉପରେ ନିର୍ଭରତା କମାଇ ନବୀକରଣ ଉର୍ଜାକୁ ବୃଦ୍ଧି କରାଇବା, ମ୍ୟାନୁଫାକ୍ଚରିଂ ଓ ଟେକ୍ନୋଲୋଜି ଉତ୍ପାଦନକୁ ପ୍ରୋତ୍ସାହନ, ଲଜିଷ୍ଟିକ୍ସ ଓ ପରିବହନ ସୁଧାର, ସ୍ଥିର ରପ୍ତାନି ନୀତି, କୃଷିରେ ଉନ୍ନତି, ଶିକ୍ଷା ଓ ବୈଷୟିକ ଶିକ୍ଷାର ସଂପୂର୍ଣ୍ଣ ସରକାରୀକରଣ ଓ ନିୟନ୍ତ୍ରଣ, ଗବେଷଣାକୁ ଅଧିକ ପ୍ରୋତ୍ସାହନ, ଭାରତୀୟ ଉତ୍ପାଦନର ଗୁଣାତ୍ମକମାନର ବୃଦ୍ଧି, ରପ୍ତାନି ବୃଦ୍ଧି ପାଇଁ ଅନ୍ତରାଷ୍ଟ୍ରୀୟ ଚାହିଦା ସର୍ଭେକ୍ଷଣ ଆଦି ଦ୍ୱାରା ରପ୍ତାନିକୁ ଶକ୍ତିଶାଳୀ କରିପାରିଲେ ବ୍ୟାପାର କ୍ଷତି କମିବ । ସେହିପରି ଅର୍ଥନୀତି ଆହୁରି ସୁଦୃଢ଼ ହୋଇପାରିବ । ତେଣୁ ଦରବୃଦ୍ଧି କେବଳ ଦ୍ରବ୍ୟଗୁଡ଼ିକର ମୂଲ୍ୟ ବୃଦ୍ଧି ନୁହେଁ, ବରଂ ଏହା ଏକ ଅର୍ଥନୈତିକ, ସାମାଜିକ ସମସ୍ୟା ଓ ରାଜନୈତିକ ସମସ୍ୟା ଯାହା ଆୟ, ଚାକିରି, ଶିକ୍ଷା, ସ୍ୱାସ୍ଥ୍ୟ, ବଜାର ବ୍ୟବସ୍ଥା ଓ ନୀତି ନିର୍ଣ୍ଣୟ ସହ ଗଭୀର ଭାବେ ସମ୍ପୃକ୍ତ । ■

ମୋ : ୯୪୩୭୧୨୩୮ ୯୨

ସକାଳ THE SAKALA ସିନ୍ଦୁରା



# ମଧ୍ୟପ୍ରାଚ୍ୟ ମହାଯୁଦ୍ଧ ଓ ମହଙ୍ଗା ମାଡ଼








ଡକ୍ଟର ପ୍ରମୋଦ କୁମାର ପଣ୍ଡା

**ଇରାନ - ଇସ୍ରାଏଲ, ଆମେରିକା ଯୁଦ୍ଧକୁ ମାସେ ପୂରିବା ଯାଉଛି । ପାଞ୍ଚ ଦିନ ପାଇଁ ଆମେରିକା ଯୁଦ୍ଧ ବିରତି ଘୋଷଣା କରିଛି । ତେବେ ଆମେରିକା ସହିତ ଆଲୋଚନାକୁ ଇରାନ ଅସ୍ୱୀକାର କରିଛି । ଯୁଦ୍ଧ ଯୋଗୁଁ ବହୁ ଧନଜୀବନ ନଷ୍ଟ ହେଉଛି । କ୍ଷୟକ୍ଷତିର ସୀମା ନାହିଁ । ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପରିସ୍ଥିତି ଖୁବ ଜଟିଳ । ଅତ୍ୟନ୍ତ ସମ୍ବେଦନଶୀଳ । ସମ୍ପ୍ରତି ଯୁଦ୍ଧ ପ୍ରଭାବ କେବଳ ମଧ୍ୟ - ପ୍ରାଚ୍ୟରେ ସୀମିତ ନୁହଁ । ସମଗ୍ର ବିଶ୍ୱରେ ପରିବ୍ୟାପ୍ତ, ଅନୁଭୂତ । କେତେବେଳେ କ'ଣ ହେବ କାହାକୁ ଜଣାନାହିଁ । ସମସ୍ତେ ଅସ୍ଥିର, ଅନିଶ୍ଚିତ, ଚିନ୍ତିତ ।**

## ହର୍ମୁଜ ପ୍ରଣାଳୀରେ ସଂକଟ



ଆୟୋତଲ୍ଲାହା ଅଲି ଖେମନେି ସରକାରର ପତନ ଏହି ଯୁଦ୍ଧର ପ୍ରାରମ୍ଭିକ ଲକ୍ଷ୍ୟ ଥିଲା । ଆତ୍ମନିର୍ବାସନରେ ଥିବା ଶାହା ମହମ୍ମଦ ରଜା ପହେଲବିଙ୍କୁ କ୍ଷମତାସୀନ କରି ଆମେରିକା ପୂର୍ବଭଳି ଇରାନ ଉପରେ ତାର ଆଧିପତ୍ୟ ସାବ୍ୟସ୍ତ କରିଥାନ୍ତା । ତୈଳ ଓ ଗ୍ୟାସ ସଂସାଧନ ଉପରେ ସମ୍ପୂର୍ଣ୍ଣ କବ୍‌ଜା କରିଥାନ୍ତା । ନିଜ ଅଧୀନକୁ ନେଇ କଞ୍ଚା ତୈଳ ବିଶୋଧନ କରିଥାନ୍ତା ଓ ଅନ୍ତରାଷ୍ଟ୍ରୀୟ ବଜାରରେ ବିକ୍ରୟ କରି ଫାଇଦା ଉଠାଇଥାନ୍ତା । ଏବେ ସେ ଆଶା ମଳିନ ହେବାକୁ ଯାଉଛି । କୂଟନୈତିକ ଯୁଦ୍ଧ ସମ୍ପ୍ରତି ତୈଳ ଯୁଦ୍ଧରେ ପରିବର୍ତ୍ତିତ ହୋଇଛି । ଇସ୍ରାଏଲ ସାଉଥ ପାର୍ସରେ ହମଲା କରି ଇରାନକୁ ଅଧିକ ରକ୍ତମୁଖା କରିଛି । ସାଉଥ୍ ପାର୍ସର ଏକ ଅଂଶ କତରରେ ଅବସ୍ଥିତ । ତେଣୁ ଇସ୍ରାଏଲର ଏହି ଆକ୍ରମଣରେ କତର ମଧ୍ୟ କ୍ଷୁବ୍ଧ । ଅସନ୍ତୋଷ । ସେପଟେ ହର୍ମୁଜ ପ୍ରଣାଳୀ ବାଧିତ । ବିଭିନ୍ନ ଦେଶର ତୈଳ ଜାହାଜକୁ ହର୍ମୁଜ ଅତିକ୍ରମ କରିବାକୁ ଇରାନର ଅନୁମତି ନାହିଁ । ଅନେକ ଦିନ ଧରି ଜାହାଜ ସବୁ ପାରସ୍ୟ ମହାସାଗରରେ ଫସି ରହିଛନ୍ତି । ହର୍ମୁଜ ସାମୁଦ୍ରିକ ପଥରେ ରପ୍ତାନି ଓ ଆମଦାନୀ ଠପ୍ ପଡ଼ିଛି । ଆମେରିକାର ସହଯୋଗୀ ଦେଶ ଫ୍ରାନ୍ସ, ବ୍ରିଟେନ, ଜର୍ମାନୀ, ଜାପାନ, ଅଷ୍ଟ୍ରେଲିଆ, ସାଉଥ୍ କୋରିଆ, ନେଦରଲ୍ୟାଣ୍ଡ, ଇଟାଲି, ୟୁଏଇ ସମେତ ୨୨ ଗୋଟି ଦେଶ ହର୍ମୁଜ ସାମୁଦ୍ରିକ ପଥର ସ୍ୱାଭାବିକତା ପାଇଁ ଏକ ମିଳିତ ବିବୃତି ଜାରି କରି ଇରାନକୁ କଡ଼ା ସମାଲୋଚନା କରିଛନ୍ତି । ତଥାପି ସ୍ଥିତିରେ କୌଣସି ସୁଧାର ଆସିନାହିଁ । ସାଉଦି ଆରବ, ଇରାକ, କୁଏତ, ୟୁଏଇରୁ ପ୍ରତିଦିନ ଏହି ପଥରେ ୨୬ ଲକ୍ଷ ବେରେଲ ତେଲ ବିଭିନ୍ନ ଦେଶକୁ ରପ୍ତାନି ହୋଇଥାଏ । ଯାହା ସମ୍ପୂର୍ଣ୍ଣ ରୂପେ ଅବରୁଦ୍ଧ ହୋଇଛି ।

## ବିଶ୍ୱ ଅର୍ଥନୀତି ପ୍ରଭାବିତ




ମଧ୍ୟ ପ୍ରାଚ୍ୟ ଯୁଦ୍ଧ ଯୋଗୁଁ ଅସ୍ଥିର ଓ ଅଣନିଶ୍ୱାସୀ ବିଶ୍ୱ ଅର୍ଥନୀତି । ତୈଳ ଓ ଗ୍ୟାସ ପ୍ଲାଣ୍ଟ ଉପରେ ଅନ୍ଧାଧୁନ ଆଖିବୁଜା ମିସାଇଲ, ବୋମାମାଡ଼ ଓ ଡ୍ରୋନ୍ ଆକ୍ରମଣ ହେତୁ ତୈଳ ଉତ୍ପାଦନ ସମ୍ପୂର୍ଣ୍ଣ ରୂପେ ବନ୍ଦ ପଡ଼ିଛି । ଗଚ୍ଛିତ ତୈଳ ଓ ଗ୍ୟାସ ନିଆଁ ଓ ଧୂଆଁରେ ପରିବର୍ତ୍ତିତ । ଲକ୍ଷ ଲକ୍ଷ କୋଟି ବେରେଲ ଅଶୋଧିତ ତୈଳ ମହାସାଗର ମଝିରେ । ଏଭଳି ସ୍ଥିତିରେ ଦର ମଧ୍ୟ ହୁ ହୁ ହୋଇ ଜଳୁଛି । ନିଆଁ ଭଳି ଉପରମୁହାଁ । କଞ୍ଚା ତେଲ ବେରେଲ ପିଛା ୧୨୦ ଡଲାରକୁ ଛୁଇଁ ସାରିଲାଣି । ବିଶେଷଜ୍ଞଙ୍କ କହିବା ଅନୁସାରେ ସ୍ଥିତି ଏଭଳି ରହିଲେ ଆଗାମୀ ଦିନରେ ଅଶୋଧିତ ତୈଳ ଦର ବେରେଲ ପିଛା ୨୦୦ ରୁ ୩୦୦ ଡଲାରକୁ ପହଞ୍ଚିପାରେ । ଏ ସବୁର ପ୍ରଭାବ ସେୟାର୍ ବଜାର ଉପରେ ପଡୁଛି । ସେୟାର୍ ବଜାର ଅସ୍ଥିର ରହୁଛି । ଗୋଟିଏ ଦିନରେ ନିବେଶକ ଲକ୍ଷ ଲକ୍ଷ କୋଟି ଟଙ୍କା କ୍ଷତି ସହୁଛନ୍ତି, ହରାଉଛନ୍ତି । ଡଲାର ତୁଳନାରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟରେ ଆଶାତୀତ ହ୍ରାସ ଘଟୁଛି । ପ୍ରଥମ ଥର ପାଇଁ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ୯୩ ଟଙ୍କା ଅତିକ୍ରମ କରିଛି । ଯୁଦ୍ଧ ପୂର୍ବରୁ ଏକ ଡଲାର ବିନିମୟରେ ୯୦.୯୦ ପଇସା ଦେବାକୁ ପଡୁଥିଲା । ଯୁଦ୍ଧ ପରେ ଏହା ୯୩.୭୦ ପଇସାକୁ ବୃଦ୍ଧି ପାଇସାରିଲାଣି । ଆଗକୁ ଏହା ଆହୁରି ନବଢ଼ିବ ତାହା କିଏ କହିପାରିବ? ଡଲାରର ଚାହିଦା ବୃଦ୍ଧି ଯୋଗୁଁ ନିବେଶକ ତାଙ୍କ ଅର୍ଥ ସୁରକ୍ଷିତ ରଖିବାକୁ ଚାହୁଁଛନ୍ତି । ସେମାନେ ଭାରତୀୟ ବଜାରରୁ ଟଙ୍କା ପ୍ରତ୍ୟାହାର କରି ଡଲାରରେ ପରିବର୍ତ୍ତନ କରୁଛନ୍ତି । ଫଳତଃ ଟଙ୍କା ଡଲାର ତୁଳନାରେ ଅଧିକ ଦୁର୍ବଳ ହେବାରେ ଲାଗିଛି ।




## ଆର୍ଥିକ ମାନ୍ଦାବସ୍ଥା

କୌଣସି ଦେଶର ଅର୍ଥନୀତି ସାଧାରଣତଃ ତେଲର ଖେଳ ଉପରେ ନିର୍ଭର କରିଥାଏ। ଗୋଟିଏ କିମ୍ବା ଦୁଇଟି ଦେଶ ନୁହେଁ, ବୈଶ୍ୱିକ ଅର୍ଥ ବ୍ୟବସ୍ଥାରେ ଏହାର ଗମ୍ଭୀର ନକାରାତ୍ମକ ପ୍ରଭାବ ପଡ଼ିଥାଏ। ତେଲ ଦର



ବଢ଼ିଲେ ପରିବହନ ଖର୍ଚ୍ଚ ବଢ଼େ । ସାମଗ୍ରୀ ଉତ୍ପାଦନରେ ଅପେକ୍ଷାକୃତ ଅଧିକ ଅର୍ଥ ନିବେଶ କରିବାକୁ ପଡ଼େ । ଶକ୍ତି, ସିପିଙ୍ଗ, ବୀମା, ବଜାର ସବୁକିଛି ସେହି ହିସାବରେ ପ୍ରଭାବିତ ହୁଏ। ମୂଲ୍ୟ ବଢ଼େ। ଜିନିଷପତ୍ର ମହଙ୍ଗା ହୁଏ। ସାଧାରଣ ଜନତାଙ୍କ ସଞ୍ଚୟ ଓ କ୍ରୟ ଶକ୍ତି କମିଯାଏ। ଆର୍ଥିକ ମାନ୍ଦାବସ୍ଥା ଦେଖାଦିଏ।

ହର୍ମୁଜ ପ୍ରଣାଳୀରେ ଉତ୍ପନ୍ନ ବାଧା ବୈଶ୍ୱିକ ଆପୂର୍ତ୍ତି ପ୍ରକ୍ରିୟାକୁ ପ୍ରଭାବିତ କରିବ। ତୈଳ ଓ ଗ୍ୟାସ୍ ଦର ବୃଦ୍ଧି ଯୋଗୁଁ ଉତ୍କଟ ଶକ୍ତି ଏବଂ ଖାଦ୍ୟ ସଙ୍କଟର ସମ୍ଭାବନାକୁ ଅଣଦେଖା କରାଯାଇପାରିବ ନାହିଁ।

ତେଲ କମ୍ପାନୀ ସବୁ ଅଶୋଧିତ ତୈଳ ଦର, ଡଲାର ଓ ଟଙ୍କାର ବିନିମୟ ମୂଲ୍ୟ ଆଧାରରେ ତେଲ ଦର ବୃଦ୍ଧି କରିଥାନ୍ତି। କିଛିଦିନ ତଳେ ଉଭୟ ବାଣିଜ୍ୟିକ ଓ ଘରୋଇ ଏଲ୍‌ପିଜିର ଦର ବୃଦ୍ଧି ଘଟିଥିଲା। ଅଶୋଧିତ ତୈଳ ଦର ଆଗକୁ ଯେତେ ଅଧିକ ବଢ଼ିବ ସଙ୍କଟ ସେତିକି ଘନେଇବ। ଭାରତରେ ପ୍ରିମିୟମ ପେଟ୍ରୋଲ ଦର ଲିଟର ପିଛା ୨ ଟଙ୍କା ୯ ପଇସାରୁ ୨ଟଙ୍କା ୩୫ ପଇସା ପର୍ଯ୍ୟନ୍ତ ବଢ଼ି ସାରିଛି। ଏହି ପେଟ୍ରୋଲ ବ୍ୟବହାରକାରୀଙ୍କ ସଂଖ୍ୟା ୨% ରୁ ୪% ଭିତରେ। ତେଣୁ ତା'ର ପ୍ରଭାବ ସେତେ ଅନୁଭୂତ ହେଉ ନାହିଁ। ଯଦିଓ ଏଯାବତ୍ ସାଧାରଣ ପେଟ୍ରୋଲ ଓ ଡିଜେଲ ଦରରେ ବୃଦ୍ଧି ହୋଇ ନାହିଁ, ତଥାପି ଆଗାମୀ ଦିନରେ ଏହା ସ୍ଥିର ରହିବ କହିହେବ ନାହିଁ। ଯୁଦ୍ଧ ଯୋଗୁଁ ଉଦ୍ୟୋଗିକ ଡିଜେଲ ଲିଟର ପିଛା ୨୨ ଟଙ୍କା ବଢ଼ିଛି।

## ଗ୍ୟାସ୍ ସିଲିଣ୍ଡର ଅଭାବ

ମଧ୍ୟପ୍ରାଚ୍ୟରେ ଯୁଦ୍ଧର ପ୍ରଭାବ ଯୋଗୁଁ ଘରୋଇ ଓ ବ୍ୟବସାୟିକ ସିଲିଣ୍ଡର ଦାମ ଯଥାକ୍ରମେ ୬୦ ଓ ୧୧୫ ଟଙ୍କା ବୃଦ୍ଧି ପାଇଛି । ଏହାର ପ୍ରଭାବ ଉଭୟ ହାଣ୍ଡିଶାଳ ଓ ହାଟରେ ସ୍ପଷ୍ଟ ରୂପେ ଅନୁଭୂତ । ଅନେକ ହୋଟେଲ, ରେଷ୍ଟୁରାଣ୍ଟ, ଢାବା, ରାସ୍ତାକଡ଼ ଜଳଖିଆ ଦୋକାନ ଇତ୍ୟାଦି ଆବଶ୍ୟକୀୟ ଗ୍ୟାସ୍ ସିଲିଣ୍ଡର ଅଭାବ ଯୋଗୁଁ ବନ୍ଦ ପଡ଼ିଲାଣି । ଚା', ସିଙ୍ଗଡ଼ା ଭଳି ଖାଇବା ଦ୍ରବ୍ୟର ରେଟ୍ ଦିଗୁଣ ହୋଇଛି । ଅନ୍ ଲାଇନ୍ ଖାଦ୍ୟ ଅର୍ଡର ମହଙ୍ଗା । ଜମାଟୋ ପ୍ଲାଟଫର୍ମ ଫି ଅର୍ଡର ପିଛା ୧୨ ଟଙ୍କା ୫୦ ପଇସାରୁ ୧୪ ଟଙ୍କା ୯୦ ପଇସାକୁ ବୃଦ୍ଧି କରିଛି । କତର ସାରା ବିଶ୍ୱର ୧୦% ୟୁରିଆ ଉତ୍ପାଦନ କରେ । ଯୁଦ୍ଧ ଯୋଗୁଁ ପ୍ଲାଣ୍ଟ ବନ୍ଦ ପଡିଛି । ତେଣୁ ଏହା ମହଙ୍ଗା ହେବା ନିଶ୍ଚିତ । ସୁନାରୂପା ଦର ମଧ୍ୟ ଅସ୍ଥିର । କେବେ କମୁଛି, କେବେ ବଢୁଛି ଜଣାନାହିଁ । ନିତିଦିନ ଓଲଟପାଲଟ ହେଉଛି । ତେଲ ଦର ବୃଦ୍ଧି ଓ ଟଙ୍କାର ବିନିମୟ ମୂଲ୍ୟ ହ୍ରାସ ଯୋଗୁଁ ବିମାନ ତଥା ଯାତ୍ରା ମହଙ୍ଗା ହେଲାଣି । ଅନେକ ଉଡ଼ାଣ ବାତିଲ ହେବା ଯୋଗୁଁ ଯାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପେଟ୍ରୋକେମିକାଲ ଆପୂର୍ତ୍ତି ବାଧିତ ହେବା ଯୋଗୁଁ ପଲିମର୍ ଦର ଆକାଶଛୁଆଁ । ଓଡ଼ିଶା ସମେତ ଅନେକ ରାଜ୍ୟର ପ୍ଲାଷ୍ଟିକ କାରଖାନା ତାଲା ଲାଗିବା ଉପରେ । ପଲିପ୍ରୋପାଲିନ, ହାଇ ଡେନ୍‌ସିଟି ପଲିଏଥିଲିନ, ଲିନିଅର ଲୋ ଡେନ୍‌ସିଟି ପଲିଏଥିଲିନ୍, ପଲିଭିନାଇଲ, କ୍ଲୋରାଇଡ୍ ଓ ପିଇଟି ରେଜିନ୍ ଭଳି ପ୍ରମୁଖ ପଲିମର୍‌ର ମୂଲ୍ୟ ୬୮% ରୁ ୭୬% ପର୍ଯ୍ୟନ୍ତ ବୃଦ୍ଧି ଘଟିଲାଣି । ପ୍ଲାଷ୍ଟିକ ଉଦ୍ୟୋଗ ବନ୍ଦ ହେଲେ କଞ୍ଚା ତେଲ ଓ ଗ୍ୟାସ୍‌ରୁ ନିର୍ମିତ ହେଉଥିବା ପଲିମର୍‌ସରେ ୫୦% ରୁ ୬୦% ଦର ବୃଦ୍ଧି ଘଟିବ । ସାର ଅଭାବ ଯୋଗୁଁ କୃଷି କ୍ଷେତ୍ର ପ୍ରଭାବିତ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ରନ୍ଧନ ଗ୍ୟାସ ଅଭାବ ଯୋଗୁଁ ବିକଳ୍ପ ସ୍ୱରୂପ ଇଲେକ୍ଟ୍ରିକ୍ କୁକର୍, ଇଣ୍ଡକ୍ସନ୍ ଚୁଲା ଉପରେ ନିର୍ଭର କରୁଥିବାରୁ ଏସବୁ ସାମଗ୍ରୀର ଦାମ ବଢ଼ିବା ସହିତ ଇଲେକ୍ଟ୍ରିକ୍ ବିଲ ମଧ୍ୟ ବଢ଼ିବ । ଗ୍ରାମାଞ୍ଚଳ ଲୋକେ ପୁରାତନ ରୋଷେଇ ଘରର କଥା କଳ୍ପନା କରୁଥିଲେ



ମଧ୍ୟ ସାକାର କରିପାରୁନାହାନ୍ତି । ମାଟି ଚୁଲି ସିନା ସହଜେ ତିଆରି ଦେବେ ହେଲେ ଜାଳେଣି ପାଇଁ ଭାରି ଭାଳେଣି । ଗାଈ ଗୋରୁ ତ ନାହାନ୍ତି ଘଷି ପାଇଁ ଗୋବର ପାଇବେ କୋଉଠୁ? ଜାଳେଣି କାଠ କଥା ନ କହିବା ଭଲ । ଅମୁଲମୁଲ, ଦୁର୍ଲଭ । ଉପସାଗରୀୟ ଦେଶଗୁଡ଼ିକରେ ଅନେକ ପ୍ରବାସୀ ଭାରତୀୟଙ୍କ କର୍ମସଂସ୍ଥାନ ରହିଛି, ଯାହା ମଧ୍ୟ ପ୍ରାଚ୍ୟର ମହାଯୁଦ୍ଧ ଯୋଗୁଁ ପ୍ରଭାବିତ ହେବ । ରୋଜଗାର ଓ ଆୟ କମିବ କିମ୍ବା ବନ୍ଦ ହେବ । ଖାଡ଼ି ପ୍ରବାସୀ ଭାରତକୁ ବାର୍ଷିକ ୫୦ ଆରବ ଡାଲାରରୁ ଅଧିକ ବିଦେଶୀ ମୁଦ୍ରା ପଠାଇଥାନ୍ତି । ଯାହା ଆଉ ଆସି ନପାରେ । ଦେଶର ରପ୍ତାନି ଓ ଆମଦାନି ବାଧାପ୍ରାପ୍ତ ହେବ । ଭାରତ ଖାଡ଼ି ଦେଶମାନଙ୍କରୁ ଡ୍ରାଏ ଫ୍ରୁଟ୍ସ, ଖଜୁର, କିଁୱି, ସେଓ, ପିସ୍ତା, କାଚ ଓ ଅନ୍ୟ ଔଦ୍ୟୋଗିକ ସାମଗ୍ରୀ ଆମଦାନି କରେ । ସେସବୁ ହର୍ମୁଜ ପ୍ରଣାଳୀ ଦେଇ ଭାରତରେ ପହଞ୍ଚେ । ଉକ୍ତ ସାମୁଦ୍ରିକ ପଥରେ ଅଚଳାବସ୍ଥା ସୃଷ୍ଟି ହେବା ଯୋଗୁଁ ଆମଦାନିରେ ଗଭୀର ନକାରାତ୍ମକ ପ୍ରଭାବ ପଡ଼ିବ । ଏସବୁ ସହିତ ତେଲ ଦର ବୃଦ୍ଧି ଯୋଗୁଁ ଅନ୍ୟ ଦେଶଗୁଡ଼ିକଠାରୁ ଆମଦାନି ଓ ତାଙ୍କୁ ରପ୍ତାନି ହେଉଥିବା ସମସ୍ତ ପଦାର୍ଥ ମହଙ୍ଗା ହେବ । ଯାହାର ସିଧାସଳଖ ମାଡ଼ ସାଧାରଣ ଜନତାଙ୍କ ପକେଟ ଉପରେ ପଡ଼ିବ ।




## ଆବଶ୍ୟକୀୟ ପଦକ୍ଷେପ









ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଅଳ୍ପ ଖର୍ଚ୍ଚ କାଟ ହେଲେ ଭଲ। ନିଜର ମାସିକିଆ ବଜେଟ୍ ହ୍ରାସ କରିବା ଉଚିତ। ଯେତେ ଦୂର ସମ୍ଭବ ଅନାବଶ୍ୟକୀୟ ଜିଣିଷପତ୍ର କିଣାବିକାରୁ ଦୂରେଇ ରହିବା ଜରୁରି। ଘରୁ ଅଫିସ୍ କାମ, କମ୍ ଦୂର ରାସ୍ତା ଓ ପାଖ କିରାନା ଦୋକାନ, ପନିପରିବା ବଜାରକୁ ଚାଲିଚାଲି ଯିବା କିମ୍ବା ସାଇକଲ ବ୍ୟବହାର କରିବା, ବିଦେଶୀ ସାମଗ୍ରୀ ବଦଳରେ ଆଞ୍ଚଳିକ ଜିନିଷପତ୍ର ଉପରେ ଅଧିକ ନିର୍ଭର କରିବା, ପାଣି, ବିଜୁଳି ଆଦି ନଷ୍ଟ କିମ୍ବା ଅପବ୍ୟବହାର ନକରିବା ଇତ୍ୟାଦି ଛୋଟ ଛୋଟ ପଦକ୍ଷେପ ଆମକୁ ଯୁଦ୍ଧକାଳୀନ ଅପ୍ରତ୍ୟାଶିତ ସଙ୍କଟରୁ ମୁକ୍ତି ଦେବାରେ ଯଥେଷ୍ଟ ସହାୟକ ହେବ।

ମଧ୍ୟ ପ୍ରାଚ୍ୟ ଯୁଦ୍ଧ ଯୋଗୁଁ ତୈଳ ଆପୂର୍ତ୍ତି ଶୃଙ୍ଖଳା ଗଭୀର ବାଧାପ୍ରାପ୍ତ ହୋଇଛି। ଅନେକଙ୍କ ଧାରଣା ଆପୂର୍ତ୍ତି ଶୃଙ୍ଖଳା ସ୍ୱାଭାବିକ ହେବା ପର୍ଯ୍ୟନ୍ତ ଆମକୁ ଏହି ଦୁର୍ବିସହ କଷ୍ଟ ସହ୍ୟ କରିବାକୁ ହେବ । କିନ୍ତୁ ବାଧିତ ଆପୂର୍ତ୍ତି ଶୃଙ୍ଖଳାରେ କେବେ ସ୍ୱାଭାବିକତା ଫେରିବ କାହାକୁ ଜଣାନାହିଁ। ଅନିଶ୍ଚିତ। ତେଣୁ ସେ ପର୍ଯ୍ୟନ୍ତ କ'ଣ ହାତକୁ ହାତ ଧରି ଚୁପ୍‌ଚାପ୍ ବସିରହିବା ଠିକ୍ ହେବ? କେବେ ନୁହଁ। କମ୍ ଯୋଗାଣ କିମ୍ବା ଯୋଗାଣ ଶୂନ୍ୟ ସମୟରେ ନିଜର ଚାହିଦା କମ୍ କରିଦେଲେ ଅଧିକ ବୋଝ ପଡ଼ିବ ନାହିଁ। ସେଥିପାଇଁ ଦାୟିତ୍ୱବାନ୍ ନାଗରିକ ଭାବେ ସଡ଼କ ଓ ଆକାଶ ପଥରେ ଯାତ୍ରାକୁ କମାଇ ଦିଅନ୍ତୁ। ନିଜର ବ୍ୟକ୍ତିଗତ ଯାନବାହନ ବ୍ୟବହାର ନକରି ସାର୍ବଜନୀନ ପରିବହନ ବ୍ୟବସ୍ଥାର ଲାଭ ଉଠାନ୍ତୁ ।

ସୁନା ଓ ସରକାରୀ ବଣ୍ଡ ଉପରେ ନିବେଶ କରନ୍ତୁ। ହରବରରେ କୌଣସି ଆର୍ଥିକ ନିଷ୍ପତ୍ତି ନିଅନ୍ତୁ ନାହିଁ। ବିଦେଶୀ ସାମଗ୍ରୀ ଉପରେ ନିର୍ଭରଶୀଳ ନହୋଇ ଦେଶୀ ଆଞ୍ଚଳିକ ଉତ୍ପାଦ ଉପରେ ନିର୍ଭର କରନ୍ତୁ । ଯୋଗାଣ ଏବଂ ଚାହିଦା ସନ୍ତୁଳିତ ହେଲେ ମୁଦ୍ରାସ୍ଫୀତି ହ୍ରାସ ପାଇବ, ସଞ୍ଚୟ ବଢ଼ିବ, କ୍ରୟ କ୍ଷମତା ବୃଦ୍ଧି ହେବ, ସ୍ୱକୀୟ ବଜେଟ ଠିକ୍ ହେବା ସହିତ ଜାତୀୟ ଅର୍ଥନୀତି ଅବ୍ୟବସ୍ଥିତ ହେବ ନାହିଁ। ତା: ୨୨-୦୩-୨୦୨୬ ରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ସୁରକ୍ଷା ସମ୍ବନ୍ଧୀୟ କ୍ୟାବିନେଟ୍ ସମିତି ମିଟିଂ ଆୟୋଜିତ ହୋଇଛି । ବୈଶ୍ୱିକ ଅର୍ଥନୀତି ଉପରେ ପଶ୍ଚିମ ଏସିଆ ଯୁଦ୍ଧର ସମ୍ଭାବ୍ୟ ପ୍ରଭାବ ନେଇ ଆଲୋଚନା ହୋଇଛି । ଦେଶର ସାଧାରଣ ନାଗରିକ କିପରି ମୌଳିକ ସୁବିଧାରୁ ବଞ୍ଚିତ ନହେବେ, କୃଷି କ୍ଷେତ୍ରରେ ଯୁଦ୍ଧର କୁପ୍ରଭାବ ନପଡ଼ିବ, ଔଦ୍ୟୋଗିକ ଉତ୍ପାଦ, ଆମଦାନି-ରପ୍ତାନି ଏବଂ ବିଭିନ୍ନ କ୍ଷେତ୍ରରେ ଯୋଗାଣ ଓ ଚାହିଦାର ସନ୍ତୁଳନ ରକ୍ଷା କରାଯାଇପାରିବ ସେ ଦିଗରେ ବିସ୍ତୃତ ଆଲୋଚନା ହୋଇଛି । ବିଭିନ୍ନ ମନ୍ତ୍ରାଳୟର ମତ ଅନୁସାରେ ବିକଳ୍ପ ବ୍ୟବସ୍ଥା ଓ ଆଶୁ ସମାଧାନର ରାସ୍ତା ତିଆରିର ପ୍ରୟାସ ଚାଲିଛି। ଯୁଦ୍ଧକାଳୀନ ଅପ୍ରତ୍ୟାଶିତ ପରିସ୍ଥିତିର ସଠିକ୍ ମୁକାବିଲା କରିବାକୁ ଭାରତର ସର୍ବକାଳୀନ ସାମର୍ଥ୍ୟ ରହିଛି । ■

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର, ମୋ: ୭୯୭୮୨୮୩୧୯୦



ଅନନ୍ତ ଚରଣ ସ୍ୱାଇଁ



# ମୁଦ୍ରାସ୍ଫୀତି : ଅଦୃଶ୍ୟ ଲୁଟେରା





**ମୁଦ୍ରାସ୍ଫୀତି ହେଉଛି କ୍ରୟ କ୍ଷମତାର ଧୀରେ ଧୀରେ କ୍ଷୟ, ଯାହା ଫଳରେ ସମୟ ସହିତ ପଣ୍ୟ ଓ ସେବାର ମୂଲ୍ୟ ବୃଦ୍ଧି ହୋଇଥାଏ । ମୁଦ୍ରାସ୍ଫୀତିରେ ସାମାନ୍ୟ ବୃଦ୍ଧି ଦେଶର ଅର୍ଥନୀତିର ଏକ ସ୍ୱାଭାବିକ ପ୍ରକ୍ରିୟା ହେଲେ ମଧ୍ୟ, ଅତ୍ୟଧିକ ବୃଦ୍ଧି ଲୋକମାନଙ୍କ ଆର୍ଥିକ ସ୍ଥିତିକୁ ଅସ୍ଥିର କରିଦିଏ । ଏବେ 'ମୁଦ୍ରାସ୍ଫୀତି' ଶବ୍ଦଟି ଘରେ ଘରେ ଚର୍ଚ୍ଚାର ବିଷୟ ପାଲଟିଛି । ବଜାରକୁ ଯିବା ମାତ୍ରେ ଲୋକମାନେ ଦେଖୁଛନ୍ତି ଯେ, ଦିନକୁ ଦିନ ସାଧାରଣ ପଣ୍ୟର ଦାମ କିପରି ବଢ଼ି ଚାଲିଛି । ଚାଉଳ, ଡାଲି, ତେଲ, ପରିବାଠାରୁ ଆରମ୍ଭ କରି ରନ୍ଧନ ଗ୍ୟାସ୍, ଘରଭଡ଼ା, ଶିକ୍ଷା ଓ ଚିକିତ୍ସା ଖର୍ଚ୍ଚ ପର୍ଯ୍ୟନ୍ତ ସବୁଠି ଦାମ ବୃଦ୍ଧି । ଏହାର ସିଧାସଳଖ ପ୍ରଭାବ ପଡ଼ୁଛି ସାଧାରଣ ଜନତାଙ୍କ ଉପରେ ।**

ସମ୍ପ୍ରତି ପଶ୍ଚିମ ଏସିଆରେ ଲାଗି ରହିଥିବା ଭୟାବହ ଯୁଦ୍ଧ, ମୁଦ୍ରାସ୍ଫୀତିକୁ ହଠାତ୍ ବହୁମାତ୍ରାରେ ବଢ଼ାଇ ଦେଇଛି । ରନ୍ଧା ଗ୍ୟାସ୍‌ର ମୂଲ୍ୟ ବୃଦ୍ଧି ଓ ଏହାର ଅଭାବ, ଯୁଦ୍ଧକାଳୀନ ସମସ୍ୟା ସହ ଜଡ଼ିତ ମୁଦ୍ରାସ୍ଫୀତିର ଏକ ଜ୍ୱଳନ୍ତ ଉଦାହରଣ । ଏହାଦ୍ୱାରା, ବହୁମାତ୍ରାରେ ରେସ୍ତୋରାଁ ଓ ହୋଟେଲ ଶିଳ୍ପ କ୍ଷତିଗ୍ରସ୍ତ ହେଉଛି । ଅଶୋଧିତ ତୈଳର ମୂଲ୍ୟବୃଦ୍ଧି ହେତୁ ବଢ଼ି ଯାଉଛି ପେଟ୍ରୋଲ ଦର ଓ ପରିବହନ ଖର୍ଚ୍ଚ । ଫଳରେ ଦୈନନ୍ଦିନ ଜିନିଷର ମୂଲ୍ୟ ବୃଦ୍ଧି ପାଉଛି । ଆର୍ଥିକ ବିଶାରଦମାନଙ୍କ ମତରେ, ଖାଦ୍ୟ ଦର ଦୀର୍ଘ ସମୟ ପର୍ଯ୍ୟନ୍ତ ବଢ଼ିପାରେ । ଏହାଦ୍ୱାରା କମ୍ ଆୟଥିବା ପରିବାରମାନେ ସବୁଠାରୁ ଅଧିକ ପ୍ରଭାବିତ ହେବେ । ମୋଟ ଉପରେ ଦେଖିଲେ ଯୁଦ୍ଧକାଳୀନ ମୁଦ୍ରାସ୍ଫୀତି, ରୋଷେଇ ଘରଠାରୁ ଆରମ୍ଭ କରି କଳ, କାରଖାନା, ଇନ୍ଧନ ଦର, ବଜାର ସ୍ଥିତି, ସ୍ୱାସ୍ଥ୍ୟ ସେବା, ଗମନାଗମନ, ପ୍ରବାସୀ ଶ୍ରମିକ, ଷ୍ଟକ୍ ବଜାର, ବ୍ୟାଙ୍କ ଓ ସରକାରୀ ନୀତିକୁ ପ୍ରଭାବିତ କରୁଛି ।






## ବିଭିନ୍ନ ପ୍ରକାର ମୁଦ୍ରାସ୍ଫୀତି

ମୁଦ୍ରାସ୍ଫୀତିର ବୃଦ୍ଧି ହାର ଓ କାରଣକୁ ନେଇ ଏହାର ବାଖ୍ୟା କରାଯାଇଛି ।

### ୧. ହାର ଆଧାରିତ ମୁଦ୍ରାସ୍ଫୀତି

(କ) **ସାମାନ୍ୟ ମୁଦ୍ରାସ୍ଫୀତି** (Creeping Inflation)
ଯେତେବେଳେ ପ୍ରତିବର୍ଷ ୨-୩% ପର୍ଯ୍ୟନ୍ତ ମୂଲ୍ୟ ବୃଦ୍ଧି ହୁଏ, ସେହି ଅବସ୍ଥାକୁ ସାମାନ୍ୟ ମୂଲ୍ୟସ୍ଫୀତି କୁହାଯାଏ । ଏହା ଅର୍ଥନୀତି ପାଇଁ କ୍ଷତିକାରକ ନୁହେଁ; ବରଂ ଏହା ବ୍ୟବସାୟ ଓ ବିନିଯୋଗକୁ ଉତ୍ସାହିତ କରିଥାଏ ।

(ଖ) **ମଧ୍ୟମ ମୁଦ୍ରା ସ୍ଫୀତି** (Walking Inflation)
ଯେତେବେଳେ ମୂଲ୍ୟ ବୃଦ୍ଧି ୩% ରୁ ୧୦% ମଧ୍ୟରେ ରହେ, ତାହାକୁ ମଧ୍ୟମ ମୂଲ୍ୟସ୍ଫୀତି କୁହାଯାଏ । ଏହା ନିୟନ୍ତ୍ରଣ ନହେଲେ ଅର୍ଥନୀତିରେ ଅସ୍ଥିରତା ସୃଷ୍ଟି ହୁଏ ।

(ଗ) **ଦ୍ରୁତ ମୁଦ୍ରାସ୍ଫୀତି** (Galloping Inflation)
୧୦% ରୁ ୫୦% ପର୍ଯ୍ୟନ୍ତ ମୂଲ୍ୟ ବୃଦ୍ଧି ହେଉଛି ଦ୍ରୁତ ମୁଦ୍ରାସ୍ଫୀତି । ଏହା ଅର୍ଥନୀତି ପାଇଁ କ୍ଷତିକାରକ । (ଘ) ଅତ୍ୟଧିକ ମୁଦ୍ରାସ୍ଫୀତି (Hyperinflation)
ପ୍ରତିମାସ ୫୦% ରୁ ଅଧିକ ଦର ବୃଦ୍ଧିକୁ, ହାଇପର୍ ଇନଫ୍ଲେସନ୍ କୁହାଯାଏ ।

### ୨. କାରଣ ଆଧାରିତ ମୁଦ୍ରାସ୍ଫୀତି

ଏହି ଶ୍ରେଣୀରେ ମୁଖ୍ୟତଃ ଡିମାଣ୍ଡ ପୁଲ (Demand-Pull) ଓ କଷ୍ଟ ପୁସ୍ (Cost-Push) ମୁଦ୍ରାସ୍ଫୀତି ଅଧିକ ଗୁରୁତ୍ୱପୂର୍ଣ୍ଣ ।

(କ) **ଚାହିଦା-ଆଧାରିତ ମୂଲ୍ୟସ୍ଫୀତି** (Demand-Pull Inflation)
ଯେତେବେଳେ ଅର୍ଥନୀତିରେ ସମୁଦାୟ ଚାହିଦା (Aggregate Demand) ଉତ୍ପାଦନ କ୍ଷମତାକୁ (Aggregate Supply) ଟପି ଯାଏ, ସେତେବେଳେ ମୂଲ୍ୟ ବୃଦ୍ଧି ହୁଏ । ଏହି ପ୍ରକାରର ମୁଦ୍ରାସ୍ଫୀତିକୁ ଡିମାଣ୍ଡ ପୁଲ୍ ଇନଫ୍ଲେସନ୍ (Demand-Pull Inflation) କୁହାଯାଏ । ଡିମାଣ୍ଡ ପୁଲ୍ ଇନଫ୍ଲେସନ୍

**ହେବାର କାରଣଗୁଡ଼ିକ ହେଉଛି**
ଅଧିକ ମୁଦ୍ରା ପ୍ରଚଳନ, ବ୍ୟାଙ୍କ ଋଣ ବୃଦ୍ଧି, ସରକାରୀ ଖର୍ଚ୍ଚ ବୃଦ୍ଧି, ଆୟ ବୃଦ୍ଧି ଯୋଗୁ ଚାହିଦା ବୃଦ୍ଧି ଓ କର କମିବା ଦ୍ୱାରା ହାତରେ ଅଧିକ ଟଙ୍କା ।

**ଉଦାହରଣ**
ମନେକର ସରକାର ଏକ ବଡ଼ ପ୍ରକଳ୍ପ ପାଇଁ ବହୁ ଟଙ୍କା ଖର୍ଚ୍ଚ କଲେ । ଲୋକମାନଙ୍କ ହାତକୁ ଅଧିକ ଟଙ୍କା ଆସିଲା । ଅଧିକାଂଶ ଲୋକ ଗାଡ଼ି, ଘରୋଇ ସାମଗ୍ରୀ, ମୋବାଇଲ୍ କିଣିବାକୁ ଲାଗିଲେ । କିନ୍ତୁ ଉତ୍ପାଦନ ଚାହିଦା ଅନୁସାରେ ଦ୍ରୁତ ଗତିରେ ବଢ଼ି ପାରିଲା ନାହିଁ । ତେଣୁ ଦର ବଢ଼ିଗଲା ।

**ବିଶେଷତା**
ଅଧିକ ଟଙ୍କାର, ଅଳ୍ପ ସାମଗ୍ରୀ ପଛରେ ପ୍ରତିଯୋଗିତା (Too much money chasing too few goods), ଆରମ୍ଭରେ ଅର୍ଥନୀତିକୁ ଉତ୍ସାହିତ କରିଥାଏ ଓ ଏହା ନିୟନ୍ତ୍ରଣ ନହେଲେ ଉଚ୍ଚ ମୁଦ୍ରା ସ୍ଫୀତି ସୃଷ୍ଟି କରେ ।

**ନିୟନ୍ତ୍ରଣ**
ଏହାକୁ ନିୟନ୍ତ୍ରଣ ପାଇଁ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (Reserve Bank of India) ସୁଧ ହାର ବଢ଼ାଇଥାଏ, ଯାହା ଫଳରେ ଋଣ ନେବା କମିଯାଏ । ଲୋକଙ୍କ ହାତକୁ କମ୍ ପଇସା ଆସେ ଫଳରେ ଚାହିଦା ହ୍ରାସ ପାଏ ।

(ଖ) **ଖର୍ଚ୍ଚ-ଆଧାରିତ ମୁଦ୍ରାସ୍ଫୀତି** (Cost-Push Inflation)
ଯେତେବେଳେ ଉତ୍ପାଦନ ଖର୍ଚ୍ଚ (କଞ୍ଚାମାଲ, ଶ୍ରମ, ଇନ୍ଧନ) ବଢ଼ିଯାଏ, ଉତ୍ପାଦକମାନେ ତାହାର ଭାର ଗ୍ରାହକଙ୍କ ଉପରେ ପକାନ୍ତି । ଫଳରେ ମୂଲ୍ୟ ବୃଦ୍ଧି ହୁଏ ।

**କାରଣ**
ପେଟ୍ରୋଲ୍-ଡିଜେଲ୍ ଦର ବୃଦ୍ଧି, କଞ୍ଚାମାଲ ଅଭାବ, ମଜୁରି ବୃଦ୍ଧି, ପ୍ରାକୃତିକ ବିପର୍ଯ୍ୟୟ ଓ ଯୁଦ୍ଧ କିମ୍ବା ବିଶ୍ୱ ସଙ୍କଟ ହେଉଛି ଏହାର ମୁଖ୍ୟ କାରଣ ।

**ଉଦାହରଣ**
କୋଭିଡ୍- ୧୯ ସମୟରେ ଲକ୍‌ଡାଉନ୍ ହେବାରୁ କାରଖାନାଗୁଡ଼ିକ ବନ୍ଦ ହୋଇଗଲା । କଞ୍ଚାମାଲ ଅଭାବ ହେଲା । ପରିବହନ ଖର୍ଚ୍ଚ ବଢ଼ିଲା । ତେଣୁ ପଣ୍ୟମାନଙ୍କର ଦର ବଢ଼ିଗଲା । ସାମ୍ପ୍ରତିକ ଯୁଦ୍ଧ, ଖର୍ଚ୍ଚ ଆଧାରିତ ମୁଦ୍ରାସ୍ଫୀତିର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ।

**ବିଶେଷତା**
ଉତ୍ପାଦନ କମିଯାଏ, ମୂଲ୍ୟ ବଢ଼ିଲେ ମଧ୍ୟ ଚାହିଦା ବଢ଼େ ନାହିଁ, ବେକାରି ବଢ଼ିପାରେ ।

**ନିୟନ୍ତ୍ରଣ**
ଉତ୍ପାଦନ ବଢ଼ାଇବା, ଆମଦାନି ବୃଦ୍ଧି, କର କମେଇବା, ସରକାରୀ ସବ୍‌ସିଡି ଓ ଯୁଦ୍ଧ ବିରତି ଓ ଶାନ୍ତି ଉପରେ ଗୁରୁତ୍ୱାରୋପ କରାଯିବା ଆବଶ୍ୟକ ।

## ମୁଦ୍ରାସ୍ଫୀତିର ସାମାଜିକ ପ୍ରଭାବ

୧- **ଆର୍ଥିକ ଚାପ** : ପରିବାର ଆୟ ଅପେକ୍ଷା ଖର୍ଚ୍ଚ ବଢ଼ିଲେ ଲୋକମାନେ ଋଣ ନେବାକୁ ବାଧ୍ୟ ହୁଅନ୍ତି ।

୨- **ସମ୍ପର୍କରେ ଚାପ**: ଆର୍ଥିକ ସମସ୍ୟା ଘରୋଇ ଦ୍ୱନ୍ଦ୍ୱ ବଢ଼ାଏ ।

୩- **ଅସମାନତା ବୃଦ୍ଧି** : ଧନୀ ଓ ଗରିବ ମଧ୍ୟରେ ପାର୍ଥକ୍ୟ ବଢ଼େ ।

୪- **ସଞ୍ଚୟ ହ୍ରାସ** : ମୁଦ୍ରାସ୍ଫୀତି ଦର ବ୍ୟାଙ୍କ ସୁଧଠାରୁ ଅଧିକ ହେଲେ ଟଙ୍କାର ମୂଲ୍ୟ କମିଯାଏ ।

୫- **ଯୁବପିଢ଼ିର ଚିନ୍ତା** : ଚାକିରି ଅନିଶ୍ଚିତତା ସହ ମୁଦ୍ରାସ୍ଫୀତି ଯୁବକମାନଙ୍କୁ ହତୋତ୍ସାହ କରେ ।

## କୃଷକ ଓ ଶ୍ରମିକଙ୍କ ଉପରେ ପ୍ରଭାବ

କୃଷି ଉତ୍ପାଦନ ଖର୍ଚ୍ଚ ବଢୁଛି । ଅନ୍ୟପକ୍ଷରେ ବଜାର ଦାମ ସ୍ଥିର ନଥିବାରୁ ଉତ୍ପାଦିତ ସାମଗ୍ରୀରୁ ଲାଭ ହ୍ରାସ ପାଉଛି । ଶ୍ରମିକମାନେ ଦରମା ବୃଦ୍ଧି ଚାହୁଁଛନ୍ତି, କିନ୍ତୁ ସବୁ ସ୍ଥାନରେ ସମାନ ଭାବେ ଦରମା ବଢୁ ନାହିଁ ।

## ମହିଳା ଓ ବୟସ୍କମାନଙ୍କ ଉପରେ ପ୍ରଭାବ

ଘର ଖର୍ଚ୍ଚ ପରିଚାଳନା ଦାୟିତ୍ୱ ନେଇଥିବା ମହିଳାମାନେ ଅଧିକ ଚାପ ଅନୁଭବ କରୁଛନ୍ତି। ବୟସ୍କମାନେ ମୁଖ୍ୟତଃ ପେନସନ୍ ଓ ନିଷ୍କ୍ରିୟ ଆୟ ( Passive Income) ଉପରେ ନିର୍ଭର କରୁଥିବାରୁ ତାଙ୍କର ଜୀବନ ଅଧିକ କଷ୍ଟକର ପଡ଼େ ।

## ମନୋବୃତ୍ତିକ ପ୍ରଭାବ

ମୁଦ୍ରାସ୍ଫୀତି କେବଳ ଆର୍ଥିକ ସମସ୍ୟା ନୁହେଁ, ଏହା ମନୋବୃତ୍ତିକ ଚାପ ମଧ୍ୟ ସୃଷ୍ଟି କରେ। ଲୋକମାନେ ଭବିଷ୍ୟତ ପ୍ରତି ଅନିଶ୍ଚିତ ହେଉଛନ୍ତି । ଅଶାନ୍ତି, ଚିନ୍ତା ଓ ନିରାଶା ବଢୁଛି। ପରମାଣୁ ଯୁଦ୍ଧର ଆଶଙ୍କାରେ ଲୋକେ ଭୟଭୀତ । ମୁଦ୍ରାସ୍ଫୀତି କେବଳ ଜିନିଷ ପତ୍ରର ମୂଲ୍ୟରେ ସୀମିତ ନରହି ଲୋକଙ୍କ ମାନସିକ ଚାପକୁ ବଢ଼ାଇ ଦେଉଛି ।

## ସରକାରୀ ପଦକ୍ଷେପ

ସୁଧ ଦର ନିୟନ୍ତ୍ରଣ, ଆବଶ୍ୟକ ପଣ୍ୟ ଆପୂର୍ତ୍ତି ବଢ଼ାଇବା, ସବ୍‌ସିଡି ଓ ଲାଭ ଯୋଜନା ପ୍ରଚଳନ ଦିଗରେ ସରକାର ପଦକ୍ଷେପ ନେବା ଆବଶ୍ୟକ ।

## ଆର୍ଥିକ ନୀତି ସଂଶୋଧନ

ନାଗରିକଙ୍କ କର୍ତ୍ତବ୍ୟ, ଅନାବଶ୍ୟକ ଖର୍ଚ୍ଚ କମାଇବା, ସଞ୍ଚୟ ଓ ବିନିଯୋଗରେ ସଚେତନତା, ଦେଶୀ ଉତ୍ପାଦନକୁ ପ୍ରୋତ୍ସାହନ, ନିଜ ଆୟ ବ୍ୟୟର ବଜେଟ ତିଆରି କରି ଆର୍ଥିକ ନୀତିକୁ ସଂଶୋଧନ କରିବା ଜରୁରି ।

## ଆପତକାଳୀନ ପାଣ୍ଠି

ବିଗତ ଦଶ ବର୍ଷ ମଧ୍ୟରେ ଭାରତର ମୁଦ୍ରାସ୍ଫୀତି ହାରରେ ଅନେକ ଉତ୍‌ଥାନ-ପତନ ଦେଖାଯାଇଛି। ୨୦୧୭ରେ ସର୍ବନିମ୍ନ ୩.୩୩% ଥିବା ବେଳେ ୨୦୨୦ ମସିହାରେ ମହାମାରୀ ସମୟରେ ଏହା ୬.୬୨%କୁ ବୃଦ୍ଧି ପାଇଥିଲା। ୨୦୨୨ରେ ଏହା ୬.୭୦% ରେକର୍ଡ କରିଥିଲା ।




## ଇନ୍ଧନ ଓ ଯାନବାହନ ଖର୍ଚ୍ଚ

ପେଟ୍ରୋଲ, ଡିଜେଲ ଓ ଗ୍ୟାସ୍ ଦାମ ବୃଦ୍ଧି ସମସ୍ତ କ୍ଷେତ୍ରକୁ ପ୍ରଭାବିତ କରେ। ବର୍ତ୍ତମାନର ଯୁଦ୍ଧ ପରିସ୍ଥିତିରୁ ଏହା ସୁସ୍ପଷ୍ଟ। ପରିବହନ ଖର୍ଚ୍ଚ ବଢ଼ିଲେ ସମସ୍ତ ପଣ୍ୟର ଦାମ ବଢ଼ିଯାଏ। ରନ୍ଧନ ଗ୍ୟାସ୍ ଦାମ ବଢ଼ିଲେ, ଗୃହିଣୀ ମହିଳାଙ୍କ ପାଇଁ ଚାପ ବଢ଼େ। ସେହିପରି କୃଷକଙ୍କ ପାଇଁ ଡିଜେଲ ଦାମ ବୃଦ୍ଧି କୃଷି ଖର୍ଚ୍ଚ ବଢ଼ାଏ।



## ଘରଭଡ଼ା ଓ ଆବାସ

ସହର ଅଞ୍ଚଳରେ ଘରଭଡ଼ା ଦିନକୁ ଦିନ ବଢୁଛି । ଚାକିରି କିମ୍ବା ଶିକ୍ଷା ପାଇଁ ସହରକୁ ଯାଉଥିବା ଲୋକମାନେ ଅଧିକ ଭଡ଼ା ଦେବାକୁ ବାଧ ହେଉଛନ୍ତି ।

## ଶିକ୍ଷା ଓ ଚିକିତ୍ସା ଖର୍ଚ୍ଚ

ବର୍ତ୍ତମାନ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ଦାମ ବୃଦ୍ଧି ଚିନ୍ତାଜନକ । ବେସରକାରୀ ସ୍କୁଲ ଓ କଲେଜ ଫି ବୃଦ୍ଧି, ଡାକ୍ତରଖାନା ଖର୍ଚ୍ଚ ଓ ଔଷଧ ଦାମ ବୃଦ୍ଧି ଯୋଗୁଁ ମଧ୍ୟମବର୍ଗ ପରିବାର ପାଇଁ ଭାରସାମ୍ୟ ରଖିବାକୁ ଅସୁବିଧା ସୃଷ୍ଟି କରୁଛି ।

## ସୁନା ଦର ବୃଦ୍ଧି

**ସୁନାର ଅହେତୁକ ମୂଲ୍ୟ ବୃଦ୍ଧି ସାଧାରଣ ଲୋକଙ୍କ ମୁଣ୍ଡ ବ୍ୟଥାର କାରଣ ହୋଇଛି । ସୁନା ପ୍ରାଚୀନକାଳରୁ ମାନବ ସମାଜରେ ସମ୍ପତ୍ତି, ସମୃଦ୍ଧି ଓ ସୁରକ୍ଷାର ପ୍ରତୀକ ଭାବେ ପରିଚିତ । ଭାରତୀୟ ସମାଜରେ ସୁନା କେବଳ ଗହଣା ନୁହେଁ, ବିବାହ, ପୂଜାପାର୍ବଣ, ଉତ୍ସବ-ସବୁଠି ସୁନାର ବିଶେଷ ସ୍ଥାନ ଅଛି ।**

## ଖାଦ୍ୟ ପଦାର୍ଥରେ ମୁଦ୍ରାସ୍ଫୀତି

**ଆଜି ସାଧାରଣ ମଣିଷଙ୍କ ପାଇଁ ଖାଦ୍ୟ ପଦାର୍ଥ ଓ ଅନ୍ୟ ଅତ୍ୟାବଶ୍ୟକ ଦ୍ରବ୍ୟର ଦାମ ବୃଦ୍ଧି ସବୁଠାରୁ ବଡ଼ ଚିନ୍ତାର କାରଣ ।**

**ଚାଉଳ ଓ ଗହମ** : ବର୍ଷା ଅଭାବ ପରିବହନ ଖର୍ଚ୍ଚ ବୃଦ୍ଧି ଓ ଆନ୍ତର୍ଜାତୀୟ ପରିସ୍ଥିତିର ପ୍ରଭାବରୁ ଦାମ ବଢୁଛି ।

**ଡାଲି** : ଦେଶୀ ଉତ୍ପାଦନ କମ୍ ଓ ଆମଦାନୀ ନିର୍ଭରତା ବଢ଼ିବାରୁ ଦାମ ଅସ୍ଥିର ।

**ଖାଦ୍ୟ ତେଲ**: ଆନ୍ତର୍ଜାତୀୟ ବଜାରରେ ତେଲ ବୀଜ ଦାମ ବୃଦ୍ଧିର ପ୍ରଭାବ ସିଧାସଳଖ ଭାବେ ଦେଶୀ ବଜାରକୁ ପଡୁଛି ।

**ଶାଗ, ପରିବା ଓ ଫଳ** : ଋତୁ ପରିବର୍ତ୍ତନ, ପରିବହନ ସମସ୍ୟା ଓ ମଧ୍ୟସ୍ଥମାନଙ୍କ ଭୂମିକା ଦାମ ବୃଦ୍ଧିର କାରଣ । ଏହାର ପ୍ରଭାବରେ ଗରିବ ଓ ମଧ୍ୟମବର୍ଗ ପରିବାରର ଖର୍ଚ୍ଚ ପରିଚାଳନା କଠିନ ହୋଇଯାଉଛି ।





### ସୁନା ଦାମ ବୃଦ୍ଧିର କାରଣ

ସମୟ ସହିତ ସୁନାର ଦାମର ଲଗାତାର ବୃଦ୍ଧିର କେତୋଟି ପ୍ରମୁଖ କାରଣ ରହିଛି। ସୁନାର ଦାମ ପ୍ରଧାନତଃ ଆନ୍ତର୍ଜାତୀୟ ବଜାର ଉପରେ ନିର୍ଭର କରେ। ବିଶ୍ୱସ୍ତରୀୟ ଅର୍ଥନୈତିକ ଅସ୍ଥିରତା, ଯୁଦ୍ଧ, ରାଜନୈତିକ ଚାପ ଇତ୍ୟାଦି ସମୟରେ ଲୋକମାନେ ସୁନାକୁ 'ସେଫ୍ ହେଭେନ୍' ବୋଲି ମନେ କରନ୍ତି।

ଯେତେବେଳେ ସେୟାର୍ ବଜାର ଅସ୍ଥିର ହୁଏ, ବିନିଯୋଗକାରୀମାନେ ସୁନା କିଣିବାକୁ ଆଗ୍ରହୀ ହୁଅନ୍ତି। ଚାହିଦା ବଢ଼ିଲେ ଦାମ ବଢ଼ିଯାଏ। ସେହିପରି ସୁନା ବ୍ୟବସାୟ ଡଲାରରେ ହୁଏ। ଭାରତୀୟ ଟଙ୍କାର ମୂଲ୍ୟ ଡଲାର ତୁଳନାରେ ଦୁର୍ବଳ ହେଲେ , ଆମଦାନୀ ସୁନା ଅଧିକ ଦାମରେ ମିଳେ। ଏହା ଦେଶୀ ବଜାରରେ ଦାମ ବୃଦ୍ଧି କରେ। ସେପଟେ ଭାରତ ସୁନାର ଏକ ବଡ଼ ଆମଦାନୀକାରୀ ଦେଶ। ଦେଶୀ ଉତ୍ପାଦନ କମ୍ ଥିବାରୁ ବାହାରୁ ସୁନା ଆଣିବାକୁ ପଡ଼େ। ଆମଦାନୀ ଶୁଳ୍କ ବୃଦ୍ଧି ହେଲେ ଦାମ ବଢ଼ିଯାଏ।

୨୦୨୦ ମସିହାରେ କୋଭିଡ୍-୧୯ ମହାମାରୀ ଯୋଗୁଁ ସୃଷ୍ଟି ହୋଇଥିବା ଆର୍ଥିକ ଅନିଶ୍ଚିତତା ଯୋଗୁଁ ୧୦ ଗ୍ରାମ ୨୪ କ୍ୟାରେଟ୍ ସୁନା ମୂଲ୍ୟ ପ୍ରଥମ ଥର ପାଇଁ ୫୦,୦୦୦ ଟଙ୍କା ଅତିକ୍ରମ କରିଥିଲା। ୨୦୨୨ ପରଠାରୁ ରୁଷ-ୟୁକ୍ରେନ ଯୁଦ୍ଧ ଏବଂ ବିଶ୍ୱବ୍ୟାପୀ ମୁଦ୍ରାସ୍ଫୀତି ଜନିତ ଚିନ୍ତା ଯୋଗୁଁ ଏହାର ମୂଲ୍ୟ ଆହୁରି ବୃଦ୍ଧି ପାଇଛି । ୨୦୨୫ ଆରମ୍ଭରୁ ୧୦ ଗ୍ରାମ ୨୪ କ୍ୟାରେଟ୍ ସୁନାର ମୂଲ୍ୟ ଟ ୭୨୧୮୮ରୁ କ୍ରମାଗତ ବୃଦ୍ଧି ପାଇ ବର୍ଷ ଶେଷ ବେଳକୁ ୧ ଲକ୍ଷ ଟଙ୍କା ଅତିକ୍ରମ କରି ୧୨୪୪୬୦ ଟଙ୍କାରେ ପହଞ୍ଚିଥିଲା। ୨୦୨୬ ମାର୍ଚ୍ଚ ୨୩ ତାରିଖ ସୁଦ୍ଧା ୨୪ କ୍ୟାରେଟ୍ ସୁନା ଦର ପ୍ରାୟ ୧,୫୩୦୦୦ ପାଖାପାଖି ରହିଛି । ୧୯୬୪ ମସିହାରେ ୧୦ ଗ୍ରାମ ୨୪ କ୍ୟାରେଟ୍ ସୁନାର ମୂଲ୍ୟ ଥିଲା ଟ୬୩,୨୫. ଏଥିରୁ ଜଣାଯାଏ କିପରି ସୁନାର କ୍ରମାଗତ ମୂଲ୍ୟ ଦ୍ରୁତ ଗତିରେ ବଢ଼ି ଚାଲିଛି ।

ସୁନାର ମୂଲ୍ୟ ବୃଦ୍ଧି ବିତ୍ତୀୟ ବଜାର, ଘରୋଇ ଅର୍ଥନୀତି, ବିବାହ ଯୋଜନା, ବିନିଯୋଗ ଧାରା ଓ ସମାଜର ଆର୍ଥିକ ମନୋବୃତ୍ତିକୁ ପ୍ରଭାବିତ କରିଥାଏ।

ବର୍ତ୍ତମାନର ମୁଦ୍ରାସ୍ଫୀତି ସବୁ ଶ୍ରେଣୀର ଲୋକଙ୍କୁ ପ୍ରଭାବିତ କରୁଛି। ଯୁଦ୍ଧର ଭୟବହତା, ମୁଦ୍ରାସ୍ଫୀତିକୁ ବହୁପରିମାଣରେ ବଢ଼ାଇ ଦେଇଛି । ବିଶ୍ୱଶାନ୍ତି, ସଠିକ୍ ନୀତି, ସଚେତନତା ଓ ଯୋଜନାମୂଳକ ଜୀବନ ଶୈଳୀ ଦ୍ୱାରା ମୁଦ୍ରାସ୍ଫୀତିର ପ୍ରଭାବକୁ କିଛି ମାତ୍ରାରେ କମା ଯାଇପାରିବ । ■

କେ-୭, କଳିଙ୍ଗନଗର, ଭୁବନେଶ୍ୱର
ମୋ: ୭୩୮୧୦୪୬୪୭୭



# ଭାରତ ଉପରେ ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ



ଡକ୍ଟର ଦିନେଶ କୁମାର ନାୟକ

ଭାରତର ଅର୍ଥନୀତି ପାଇଁ ଏକ ଦୁର୍ଲଭ ସୁବିଧାଜନକ ସମୟ ଆସିଥିଲା - ନୂତନ ସିପିଆଇ (Consumer Price Index) ସିରିଜ୍ ଅନୁଯାୟୀ ୨୦୨୫ ଶେଷ ସୁଦ୍ଧା ମୋଟ ଦରବୃଦ୍ଧି ୨–୩ ପ୍ରତିଶତ ମଧ୍ୟରେ ନିୟନ୍ତ୍ରିତ ଅବସ୍ଥାରେ ଥିଲା । ଅର୍ଥନୀତି ସ୍ଥିର ଗତିରେ ବୃଦ୍ଧି ପାଉଥିଲା । କିନ୍ତୁ ଏହି ସମୟରେ ହିଁ ମଧ୍ୟପ୍ରାଚ୍ୟର ଯୁଦ୍ଧ ଆରମ୍ଭ ହୋଇଛି । ଫଳରେ ଏହା ପୁଣି ଥରେ ଭାରତର ପୁରୁଣା ଦୁର୍ବଳତାକୁ ସ୍ପଷ୍ଟ କରିଦେଇଛି । କଞ୍ଚା ତୈଳ ଓ ଏଲ୍ଏନ୍‌ଜି ପାଇଁ ଭାରତ ବିଦେଶ ଉପରେ ନିର୍ଭରଶୀଳ । ଦୈନନ୍ଦିନ ବଜାରରେ ବା ପେଟ୍ରୋଲ ପମ୍ପରେ ପେଟ୍ରୋଲ, ଡିଜେଲ ଦର ଏପର୍ଯ୍ୟନ୍ତ ଅହେତୁକ ବୃଦ୍ଧି ପାଇନଥିଲେ ମଧ୍ୟ, ଯୁଦ୍ଧର ପ୍ରଭାବ ଯୋଗୁ ଧୀରେ ଧୀରେ ଦର ବୃଦ୍ଧି ହେବାର ଆଶଙ୍କା ରହିଛି । ଯୁଦ୍ଧ ଯୋଗୁଁ ତୈଳ ଦର, ଯାନବାହନ ଖର୍ଚ୍ଚ ଓ ବୀମା ଶୁଳ୍କ ବୃଦ୍ଧି ପାଇଥାଏ । ଯଦି ଦୀର୍ଘ ସମୟ ଧରି ଯୁଦ୍ଧ ଲାଗି ରୁହେ ରନ୍ଧନ ଗ୍ୟାସ୍‌ରୁ ଆରମ୍ଭ କରି ପିଲାଙ୍କ ସ୍କୁଲ୍ ଫିଜ୍ ପର୍ଯ୍ୟନ୍ତ ବିଭିନ୍ନ ଦିଗରେ ଦରବୃଦ୍ଧିର ଚାପ ବଢ଼ାଇ ଦେବ ।

## କଞ୍ଚା ତୈଳ ଦରଠାରୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ

ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ ଘରୋଇ ଖର୍ଚ୍ଚରେ କିପରି ପରିଲକ୍ଷିତ ହୁଏ? ପରିବାର ପାଇଁ ମୁଖ୍ୟ ପ୍ରଶ୍ନ ହେଉଛି ପଶ୍ଚିମ ଏସିଆରେ ତେଲ ଏବଂ ପରିବହନ ଆଘାତ ପଡ଼ୋଶୀ ଦୋକାନରେ କିମ୍ବା ବିଦ୍ୟୁତ ଏବଂ ପରିବହନ ବିଲ୍‌ରେ କିପରି ଦେଖାଯାଏ । ପରିବହନ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଉଭୟ ହୋଇପାରେ । ଏହାର ଉତ୍ତର ଦୁଇ–ତିନିଟି ମୁଖ୍ୟ କାରଣରୁ ଦେଖାଯାଏ ।

ସର୍ବପ୍ରଥମେ ପେଟ୍ରୋଲ୍, ଡିଜେଲ୍ ଓ ଏଲ୍‌ପିଜି ଆନ୍ତର୍ଜାତୀୟ ତୈଳ ଦର ବୃଦ୍ଧି ହେଲେ ମଧ୍ୟ ଦେଶୀୟ ପମ୍ପ ଦର, ସରକାରୀ କର ଓ ବିଭିନ୍ନ ନୀତି ଦ୍ୱାରା ଅନେକ ଥର ରୋକାଯାଇଥାଏ । କିନ୍ତୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଲ୍ୟାଣ୍ଡେଡ୍ କଷ୍ଟ (କଞ୍ଚା ତୈଳର ଲ୍ୟାଣ୍ଡେଡ୍ ଖର୍ଚ୍ଚ ହେଉଛି ନିର୍ଗମନ ବନ୍ଦରରେ ପହଞ୍ଚିବା ପରେ ପଠାଯାଇଥିବା ସାମଗ୍ରୀର ମୋଟ ଦର, ଯାହା କଞ୍ଚା ସାମଗ୍ରୀ ଦର, ପରିବହନ, ବୀମା, କଷ୍ଟମ୍ସ ଡ୍ୟୁଟି ଏବଂ ପରିଚାଳନା ଖର୍ଚ୍ଚକୁ ଅନ୍ତର୍ଭୁକ୍ତ କରେ) ବଢ଼ି ରହିଲେ, ଦରକୁ ଉଠାଇବା କିମ୍ବା କର କମେଇବା– ଦୁଇଟି ମଧ୍ୟରୁ ଏକ ପଦକ୍ଷେପ ନେବାକୁ ସରକାର ବାଧ ହୋଇଥାଆନ୍ତି । ପାଖାପାଖି ସମୟରେ ଉଚ୍ଚ ତୈଳ ଦର ଯୋଗୁଁ ବସ୍ ଭଡ଼ା, ଅଟୋ ଓ ଟ୍ୟାକ୍ସି ଭଡ଼ା, ଏୟାର୍ ଟିକେଟ୍ ଦର, ମାଲବାହୀ ରେଲ୍ ଭଡ଼ା ଇତ୍ୟାଦି ବୃଦ୍ଧି ପାଇଥାଏ ।





ଦ୍ୱିତୀୟ ଚ୍ୟାନେଲ୍ 'ପରୋକ୍ଷ ଖର୍ଚ୍ଚ ଦ୍ୱାରା ଦର ଚାପ' – ତୈଳ- ପ୍ରାକୃତିକ ଗ୍ୟାସ୍ ଏବଂ ସମ୍ପର୍କିତ ଖାଦ୍ୟ ସାମଗ୍ରୀର ଦରବୃଦ୍ଧି ପାଇଲେ ସାର ମହଙ୍ଗା ହୋଇଯାଏ । ଯାହା ଚାଷ ଖର୍ଚ୍ଚ ଏବଂ ଖାଦ୍ୟ ଦରବୃଦ୍ଧି କରିପାରେ । ଏହିପରି ସମୟରେ ଚାଷ କରିବାର ଖର୍ଚ୍ଚ ଉପରକୁ ଯାଇପାରେ । ଏହା ଖାଦ୍ୟ ଦରରେ କିଛି ମାତ୍ରାରେ ପ୍ରଭାବ ପକାଇପାରେ । ସେଥିସହ ଇ–କମର୍ସ ଡେଲିଭେରି, ଟ୍ରକ୍ ଲଜିଷ୍ଟିକ୍ସ, କୋଲ୍ଡଚେନ୍, ଗୋଦାମ ଭଡ଼ା ଓ ଅନ୍ୟାନ୍ୟ ସେବାକୁ ଚଳାଇବାରେ ମଧ୍ୟ ଧାର୍ଯ୍ୟ ଭାଗି ଫ୍ୟୁଏଲ୍–ଲଜିଷ୍ଟିକ୍ସ ଖର୍ଚ୍ଚ ବଢ଼ିଯାଏ । ବ୍ୟବସାୟୀମାନେ କିଛି ଅଂଶ ଗ୍ରାହକଙ୍କ ଉପରେ ଲଦିବାକୁ ଚେଷ୍ଟା କରନ୍ତି ।

## ଭାରତରେ ଦରବୃଦ୍ଧି

ଭାରତ ତାହାର କଞ୍ଚା ତୈଳ ଆବଶ୍ୟକତାର ପ୍ରାୟ ୯୦ ପ୍ରତିଶତ ଆମଦାନି କରେ । ଏହାର ଗୁରୁତ୍ୱପୂର୍ଣ୍ଣ ଅଂଶ ମଧ୍ୟପୂର୍ବ ଦେଶରୁ ଆମଦାନି କରାଯାଇଥାଏ । କଞ୍ଚା ତୈଳ ଓ ଏଲ୍ଏନ୍‌ଜିର ବଡ଼ ଅଂଶ ଦୁଇଟି ସଙ୍କୀର୍ଣ୍ଣ ସମୁଦ୍ର ମାର୍ଗ ମାଧ୍ୟମରେ ଯିବା ଆସିବା ହୁଏ – ପର୍ଶିଆ ବେର୍ଡ଼ ଓ ଆରବ ସାଗରକୁ ଯୋଡ଼ିଥିବା ହର୍ମୁଜ୍ ସଙ୍କୀର୍ଣ୍ଣ ସମୁଦ୍ର ସଂକେତ (Strait of Hormuz) ଓ ଏସିଆକୁ ଇଉରୋପ୍ ସହିତ ଯୋଡ଼ିଥିବା ରେଡ୍ ସି–ସୁଏଜ୍ ମାର୍ଗ ।

ଯୁଦ୍ଧ, ମିସାଇଲ୍ ଆକ୍ରମଣ କିମ୍ବା ନୌସେନା ଅବରୋଧ ଯେତେବେଳେ ଏହି ସମୁଦ୍ର ମାର୍ଗକୁ ଅସୁରକ୍ଷିତ କରେ, ବଡ଼ ବଡ଼ ଇନ୍ଧନ ବାହାକ ଜାହାଜ ଅନ୍ୟାନ୍ୟ ଦୀର୍ଘ ମାର୍ଗରେ ଘୂରାଇ ଦିଆଯାଏ, ଫଳତଃ ଫ୍ରେଟ୍ ରେଟ୍ (ସମୁଦ୍ର ଯାନ ଭଡ଼ା) ଅଧିକ ହୋଇଯାଏ । ତାହାର ପ୍ରତ୍ୟକ୍ଷ ପରିଣାମ ସ୍ୱରୂପ ଭାରତ ପାଇଁ ତୈଳ–ଗ୍ୟାସ୍ ଆମଦାନିର ଖର୍ଚ୍ଚ ବଢ଼ିଥାଏ ।

ବର୍ତ୍ତମାନ ଯୁଦ୍ଧର ପରିସ୍ଥିତି ଯୋଗୁଁ ହର୍ମୁଜ୍ ସଙ୍କେତ ଅଞ୍ଚଳ ମଧ୍ୟ ପ୍ରଭାବିତ ହେଉଛି । ଏହା ରେଡ୍ ସି ମାର୍ଗର ପୂର୍ବ ସିପିଂ ସଂକଟକୁ ତୈଳ–ଗ୍ୟାସ୍ ପ୍ରତ୍ୟକ୍ଷ ଯୋଗାଣ ଆଶଙ୍କା ସହ ଯୋଡ଼ି ଦେଇଛି । ବିଭିନ୍ନ ରେଟିଂ ଏଜେନ୍ସି ଓ ଅନଲାଇନ୍ ବିଶ୍ଳେଷଣ ଅନୁଯାୟୀ, ଯଦି ହର୍ମୁଜ୍ ଅଞ୍ଚଳରେ ସିପିଂ ଦୀର୍ଘ ସମୟ ପାଇଁ ବାଧାଗ୍ରସ୍ତ ହୋଇପଡ଼େ, ତେବେ ଆନ୍ତର୍ଜାତୀୟ ବଜାରରେ ବ୍ରେଣ୍ଟ କଞ୍ଚା ତୈଳ ଦର ପୁଣି ୧୦୦ ଡଲାର୍ ପ୍ରତି ବ୍ୟାରେଲ୍ ପିଛା ବଢ଼ି ଯାଇପାରେ । ଏଇ ପରିସ୍ଥିତି ଭାରତ ପାଇଁ ଅଧିକ ଚାପ ସୃଷ୍ଟି କରିପାରେ । ଚଳନ୍ତି ଖାତା ନିଅଣ୍ଟ (Current account deficit), ଭାରତୀୟ ମୁଦ୍ରାର ସ୍ଥିରତା ଉପରେ ଚାପ ଏବଂ ନବୀକୃତ ଦରବୃଦ୍ଧି ଚାପ ବଢ଼ିଯିବାର ଆଶଙ୍କା ରହିଛି ।

ନୂତନ ସିପିଆଇ ସିରିଜ୍ ଅନୁସାରେ ୨୦୨୫ ଡିସେମ୍ବରରେ ସାର୍ବିକ ରିଟେଲ୍ ଦରବୃଦ୍ଧି ପ୍ରାୟ ୧.୩ ପ୍ରତିଶତ ଥିଲା । ୨୦୨୫–୨୬ ମସିହା ପାଇଁ ହାରାହାରି ଦରବୃଦ୍ଧି ୨–୩ ପ୍ରତିଶତ ମଧ୍ୟରେ ରହିବ ବୋଲି ଆର୍‌ବିଆଇ ଓ ଅନ୍ୟାନ୍ୟ ସଂସ୍ଥା ଅନୁମାନ କରୁଛନ୍ତି । ତାହା ପରେ ୨୦୨୬–୨୭ ରେ ଏହା ଫେରି ମଧ୍ୟମ ଅବଧି ଲକ୍ଷ୍ୟ ୪ ପ୍ରତିଶତ ପାଖକୁ ଯିବ ବୋଲି ଲକ୍ଷ୍ୟ ରଖାଯାଇଛି । ଏହି ଅବଧିକୁ ଅନେକ ଅର୍ଥନୀତିବିଦ୍ 'ଗୋଲ୍ଡିଲକ୍ସ' ସମୟ ବୋଲି କହୁଛନ୍ତି – ଅର୍ଥାତ୍ ସ୍ଥିର ବୃଦ୍ଧି ସହିତ ମଧ୍ୟମ ଦରବୃଦ୍ଧି ।

ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ଆର୍‌ବିଆଇର ମନିଟାରି ପଲିସି କମିଟି ସଦସ୍ୟମାନେ ଏବଂ ବିଭିନ୍ନ ଏଜେନ୍ସି 'ସବୁଠୁ ବଡ଼ ବାହ୍ୟ ବିପଦ' ଭାବେ ଚିହ୍ନଟ କରିଛନ୍ତି । ଗଣନାରେ ଦେଖାଇଛି ଯେ, ଯଦି ଆନ୍ତର୍ଜାତୀୟ କଞ୍ଚା ତୈଳ ଦର ୧୦ ପ୍ରତିଶତ ବଢ଼େ, ତେବେ ଭାରତର ସିପିଆଇ ଦରବୃଦ୍ଧିରେ ଅତି କମ୍ ସମୟରେ ୦.୨ ପ୍ରତିଶତ (୨୦ ବେସିସ୍ ପଏଣ୍ଟ) ପର୍ଯ୍ୟନ୍ତ ଅତିରିକ୍ତ ଚାପ ପଡ଼ିପାରେ । ଅନ୍ୟ କେତେକ ତଥ୍ୟ ଅନୁସାରେ ୧୦ ଡଲାର୍ ପ୍ରତି ବ୍ୟାରେଲ୍ ତୈଳ ଦରବୃଦ୍ଧି ଆସ୍ତେ ଆସ୍ତେ ସିପିଆଇକୁ ୦.୩-୦.୪ ପ୍ରତିଶତ ପର୍ଯ୍ୟନ୍ତ ଉପରେ ନେଇଯାଇପାରେ । ଯଦି ତୈଳ ଦର ଦୀର୍ଘ ସମୟ ପାଇଁ ୧୦୦ ଡଲାର୍ ଉପରେ ରହେ, ତେବେ ଏହା ମାତ୍ର ଦରବୃଦ୍ଧିକୁ ନୁହେଁ, ବରଂ ଚଳନ୍ତି ଖାତା ନିଅଣ୍ଟ, ଭାରତୀୟ ମୁଦ୍ରା ଓ ସୁଧ ହାରକୁ ମଧ୍ୟ ଚାପ ପକାଇପାରେ ।





## ସୁଏଜ୍ ମାର୍ଗ, ରେଡ୍ ସି ଓ ଭାରତୀୟ ରପ୍ତାନି-ଆମଦାନି

ମଧ୍ୟପ୍ରାଚ୍ୟ ଯୁଦ୍ଧ କେବଳ ତୈଳ କଥା ନୁହେଁ। ଏହା ଏକ ବାଣିଜ୍ୟ ଏବଂ ଲଜିଷ୍ଟିକ୍ସ ସମସ୍ୟା ମଧ୍ୟ। ଭାରତର ଇଉରୋପ ସହିତ ହୋଇଥିବା ୮୦ ପ୍ରତିଶତ ଭାଗ ବ୍ୟାପାର- ଖଣିଜ ତୈଳ, ରସାୟନ, ଗାଡ଼ି ପାର୍ଟ, ଟେକ୍ସଟାଇଲ୍ ଇତ୍ୟାଦି ସାଧାରଣତଃ ରେଡ୍ ସି–ସୁଏଜ୍ ମାର୍ଗ ମାଧ୍ୟମରେ ଯାଇଥାଏ। ରେଡ୍- ସି ଅଞ୍ଚଳ ଅସ୍ଥିର ହେଲେ ଭାରତୀୟ ରପ୍ତାନିକାରୀ ଓ ଆମଦାନିକାରୀମାନଙ୍କ ପାଇଁ ସିପିଂ ସମୟ ଓ ଖର୍ଚ୍ଚ ଦୁଇ ଗୁଣ ବଢ଼ିଯାଏ।

ବାସୁମତି ଚାଉଳ, ମାରିନ୍ ପ୍ରଡକ୍ଟ ଇତ୍ୟାଦି ଯେପରି ସେକ୍ଟର୍ ରେଡ୍ ସି ଓ ମଧ୍ୟପୂର୍ବ ମାର୍ଗ ଉପରେ ବିଶେଷ ଭାବରେ ନିର୍ଭର । ସମୁଦ୍ର ମାର୍ଗ ବଢ଼ି ଓ ଫ୍ରେଟ୍ ରେଟ୍ ଅଧିକ ହେଲେ ଏହାର ଲାଭ ମାର୍ଜିନ୍ ସଙ୍କୁଚିତ ହୋଇଥାଏ। ଅନେକ ଦେଶୀ ଉତ୍ପାଦକ ତାଙ୍କ ମାଲ-ମସଲାର କିଛି ଅଂଶ ଦେଶୀ ବଜାରକୁ ମୋଡ଼ି ଦେବାକୁ ବାଧ୍ୟ ହୁଅନ୍ତି । କେତେକ ପଦାର୍ଥର ଦର ଦେଶ ଭିତରେ ଅଳ୍ପ ସମୟ ପାଇଁ ସ୍ଥିର ବା କମ୍ ଲାଗିପାରେ। ତେବେ ସାରା ଶୃଙ୍ଖଳାକୁ ଅନିଶ୍ଚିତତା ଓ ଅସ୍ଥିରତା ସୃଷ୍ଟି କରିଥାଏ।

ଗଲ୍ଫ ଦେଶରେ କାମ କରୁଥିବା ଭାରତୀୟ ଶ୍ରମିକଙ୍କଠାରୁ ଆସୁଥିବା ରେମିଟ୍ୟାନ୍ସ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ସେଠାରେ ନିର୍ମାଣ ଓ ସେବା କ୍ଷେତ୍ର ଯଦି ଯୁଦ୍ଧ ଓ ଅସ୍ଥିରତାର ଚାପରେ ଧୀର ହୋଇଯାଏ ବା ଭାରତୀୟ ଶ୍ରମିକଙ୍କ ସ୍ଥିତି ଅନିଶ୍ଚିତ ହୋଇପଡ଼େ, ତେବେ ଘରକୁ ପଠାଯାଉଥିବା ଟଙ୍କା କମି ଯିବାର ଆଶଙ୍କା ରହିଛି । ଏହା ଘରୋଇ ଖର୍ଚ୍ଚ କ୍ଷମତାକୁ ଆସ୍ତେ-ଆସ୍ତେ ହ୍ରାସ କରିପାରେ।

## ସିପିଆଇ କାହିଁକି ତତ୍କ୍ଷଣାତ୍ ଉଠିନପାରେ

ମଧ୍ୟପ୍ରାଚ୍ୟ ଯୁଦ୍ଧ ଯଦିଓ ତୈଳ ଓ ସିପିଂ ଦରରେ ଚାପ ଆଣିଛି, ସିପିଆଇ ତଥ୍ୟ ତା'ର ପ୍ରଭାବକୁ ଖୁବ୍ ଦ୍ରୁତ ଓ ତୀବ୍ର ଭାବେ ଦେଖାଇ ନପାରେ। ନୂତନ ସିପିଆଇ ସିରିଜ୍‌ରେ ଖାଦ୍ୟ ଉପରେ ଓଜନ କିଛି ଅଂଶ କମିଛି। ସେବା ଓ non-food ବସ୍ତୁର ଓଜନ ବଢ଼ିଛି । ଖାଦ୍ୟ ଦର ଅତ୍ୟଧିକ ଚଞ୍ଚଳ ଥିବାରୁ ସିପିଆଇରେ ପୂର୍ବରୁ ବହୁ ଚଢ଼ା–ଉତରା ଦେଖାଯାଉଥିଲା; ଏବେ ସିପିଆଇ ଅଳ୍ପ ସ୍ଥିର ଭାବରେ ଅଛି। ତେଣୁ ତୈଳ ଓ ସିପିଂ ହଠାତ୍ ମହଙ୍ଗା ହେଲେ ମଧ୍ୟ, ଅନ୍ୟ ଦର ସ୍ଥିର ହୋଇପାରେ।

ଦଶ ବର୍ଷ ଧରି ଦର ପ୍ରତିବର୍ଷ ବଢ଼ିଛି, କେବେ ୬ ପ୍ରତିଶତ, କେବେ ୩ ପ୍ରତିଶତ। ଦରବୃଦ୍ଧି କମିଲା ଅର୍ଥାତ୍ ଦର ପୁଣି ପୁରୁଣା ସ୍ତରକୁ ଫେରିଗଲା ନୁହେଁ; ଅର୍ଥାତ୍ ନୂଆ ସ୍ତରରୁ ଗଣନା ଆରମ୍ଭ ହୋଇଛି। ଏହି ପୂର୍ବରୁ ଉଚ୍ଚ ହୋଇବସିଥିବା ଦରସ୍ତର ଉପରେ ଆଉ ଏକ ବାହ୍ୟ ତୈଳ ଝଟକ ଆସୁଛି। ସିପିଆଇ ସଂଖ୍ୟା ଅଧିକ ବଢ଼ି ନ ଥିଲେ ମଧ୍ୟ ସାଧାରଣ ଘର ପାଇଁ 'ମହଙ୍ଗା'ର ଅନୁଭବ ସ୍ପଷ୍ଟ ହୋଇଥାଏ।

ନୀତି ନିର୍ଦ୍ଦେଶକମାନଙ୍କ ପାଇଁ, ମଧ୍ୟପୂର୍ବ ଯୁଦ୍ଧ ଗୋଟିଏ ସ୍ମରଣ କରାଏ – ଭାରତର ଦରବୃଦ୍ଧି ଏବେ କେବଳ ଘରୋଇ ମନସୁନ୍, ଖାଦ୍ୟ ଉତ୍ପାଦନ ବା ଦେଶୀ କର ନୀତି ଉପରେ ନିର୍ଭର ନୁହେଁ; ବହୁ ଅଂଶରେ ଦୂରବର୍ତ୍ତୀ ସମୁଦ୍ର ମାର୍ଗ, ଗ୍ଲୋବାଲ୍ ତୈଳ ବଜାର ଓ ତୃତୀୟ ଦେଶର ଯୁଦ୍ଧ–ଶାନ୍ତି ନିଷ୍ପତ୍ତି ଉପରେ ମଧ୍ୟ ନିର୍ଭର। ଏହି 'ଇମ୍ପୋର୍ଟେଡ୍ ଇନଫ୍ଲେସନ୍' (ଦରବୃଦ୍ଧି ଆମଦାନି) ଯୁଗରେ ଭାରତକୁ ବିଦେଶ




## ଜିଏସ୍‌ଟି, ତୈଳ କର ଓ ଦରବୃଦ୍ଧି




ଭାରତର ପରୋକ୍ଷ କର ବ୍ୟବସ୍ଥା ଏଠାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା କରେ। ଟ୍ରାନ୍ସପୋର୍ଟ ଫ୍ୟୁଏଲ୍– ଯଥା ପେଟ୍ରୋଲ୍, ଡିଜେଲ୍ ମଧ୍ୟ ପୂରାପୂରି ଜିଏସ୍‌ଟି ଅନ୍ତର୍ଗତ ହୋଇ ନାହିଁ। ଏହା ଉପରେ ଉଚ୍ଚ କେନ୍ଦ୍ର ଅବକାରୀ (excise duty) ଓ ପ୍ରତ୍ୟେକ ରାଜ୍ୟର ଭ୍ୟାଟ୍ (VAT) ଲାଗୁ ହୁଏ। ଏପରି ସ୍ଥିତିରେ, ଆନ୍ତର୍ଜାତୀୟ ତୈଳ ଦର ବଢ଼ିଲେ ସରକାର ପାଖରେ ଦୁଇଟି ଅସୁବିଧା ମଧ୍ୟରୁ ଗୋଟିଏକୁ ଚୟନ କରିବାକୁ ପଡ଼େ କିମ୍ବା ଅଧିକ ପରିମାଣରେ ଦର ଉଠାଇଲେ, ସିଧାସଳଖ ସିପିଆଇରେ ଦେଖାଦିଏ, କିମ୍ବା କର କମାଇ ଓ ରେଭେନ୍ୟୁ ଛାଡ଼ି ଜନସାଧାରଣଙ୍କୁ ସହଜ କରିଲେ; ତାହା ନିଶ୍ଚିତ ରୂପେ ଆର୍ଥିକ ନିଅଣ୍ଟ ଓ ଅନ୍ୟତ୍ର ଖର୍ଚ୍ଚ ସକ୍ଷମତାକୁ ସୀମିତ କରିଥାଏ।

ଅନ୍ୟପକ୍ଷରେ ସେବା ଓ ବସ୍ତୁରେ ଫ୍ୟୁଏଲ୍ ଓ ଲଜିଷ୍ଟିକ୍ସ ଖର୍ଚ୍ଚ ମୁଖ୍ୟ ଅଂଶ – କୋରିୟର୍, ଗୋଦାମ, ହୋଟେଲ୍, ଏୟାର୍ ଟ୍ରାଭେଲ୍ ଇତ୍ୟାଦିରେ ଜିଏସ୍‌ଟି ଲାଗୁଛି । ବ୍ୟବସାୟୀ ଏହି ଜିଏସ୍‌ଟି ଉପରେ input tax credit ପାଇପାରନ୍ତି। ତେବେ ଘରୋଇ ଉପଭୋକ୍ତା ତାହା ପାଆନ୍ତି ନାହିଁ। ତେଣୁ ଇନ୍ଧନ-ଲଜିଷ୍ଟିକ୍ ଦର ବଢ଼ିଲେ ଏବଂ ଏହା ଉପରେ ଜିଏସ୍‌ଟି ଲାଗିଲେ, ଗୋଟିଏ ସାଧାରଣ ଉପଭୋକ୍ତା ପାଇଁ ଦୁଇଟି ସ୍ତରରେ ଚାପ ତିଆରି ହୋଇଥାଏ।




ବଣିଜ୍ୟ, ରାଜକୋଷୀୟ ଓ ମନିଟାରୀ ନୀତିରେ ସମନ୍ୱିତ ଓ ସଚେତନ ପଦକ୍ଷେପ ନେବାକୁ ହେବ - ଯାହା ଅନ୍ତତଃରେ ସାଧାରଣ ଭାରତୀୟ ଘରର ଦୈନନ୍ଦିନ ଖର୍ଚ୍ଚକୁ ଅନାବଶ୍ୟକ ଭାବେ ଚାପରେ ପକେଇ ଦେବ ନାହିଁ। ■



ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ଫାଇନାସ୍ ଆଣ୍ଡ ପଲିସୀ
୧୮/୨ – ସତସଙ୍ଗ ବିହାର ମାର୍ଗେ, ଜଏନ୍‌ୟୁ ପୂର୍ବ ଗେଟ୍ ନିକଟ,
ନୂଆଦିଲ୍ଲୀ, ମୋ: ୯ ୬୫୦୮ ୬ ୯୨୧୪





# କ'ଣ କହୁଛି ଆଇନ




ଗଦାଧର ବଳ

**BLACK MARKETING**

କଳାବଜାରୀ (Black Marketing) ଏକ ସାମାଜିକ ତଥା ଅର୍ଥନୈତିକ ଅପରାଧ। ଏହା ସମାଜର ସ୍ୱାଭାବିକ ଗତିପଥକୁ ବାଧାପ୍ରାପ୍ତ କରିଥାଏ। ଏହା ଏକ ସାମାଜିକ କଳଙ୍କ। ଯେତେବେଳେ କୌଣସି ପଣ୍ୟ ଦ୍ରବ୍ୟ ବା ସେବାକୁ ସରକାରୀ ନିୟମ ବାହାରେ, ବେଆଇନ ଭାବେ ଏବଂ ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ଦରରେ ବିକ୍ରି କରାଯାଏ କିମ୍ବା ବଜାରରେ ପର୍ଯ୍ୟାପ୍ତ ଉପଲବ୍ଧ ନ ଥିବା ବେଳେ ବେଆଇନ ଭାବରେ ନିଜର ଲାଭ ପାଇଁ ମହଜୁଦ ରଖିଲେ, ତାହାକୁ 'କଳାବଜାରୀ' କୁହାଯାଏ। ଏହା କେବଳ ଅର୍ଥନୀତିକୁ ଦୁର୍ବଳ କରେ ନାହିଁ, ବରଂ ସାଧାରଣ ଜନତାଙ୍କ ଦୈନନ୍ଦିନ ଜୀବନ ଯାତ୍ରାକୁ କଷ୍ଟସାଧ କରିଦିଏ। ଏହାର ପ୍ରମୁଖ କାରଣ ଗୁଡ଼ିକ ହେଲା, ଅସାଧୁ ବ୍ୟବସାୟୀମାନେ ଅଧିକ ଲାଭ ଆଶାରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀକୁ ଗଚ୍ଛିତ ରଖି ବଜାରରେ ଏହାର କୃତ୍ରିମ ଅଭାବ ସୃଷ୍ଟି କରନ୍ତି। ଯେମିତି ଆମେ ଦେଖିଛେ ଆଳୁ ଏକ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ। ମାତ୍ର କୌଣସି କାରଣବଶତଃ ତାହା ବଜାରରେ ଆବଶ୍ୟକତା ଅନୁଯାୟୀ ଉପଲବ୍ଧ ନ ଥିଲେ, କିଛି ଅସାଧୁ ବ୍ୟବସାୟୀ ନିଜ ପାଖରେ ମହଜୁଦ ରଖିଥିବା ଆଳୁକୁ ଖାଉଟିଙ୍କର ଚାହିଦା ମୁତାବକ ବିକ୍ରୟ ନ କରି ବଜାରରେ କୃତ୍ରିମ ଅଭାବ ସୃଷ୍ଟି କରିଥାନ୍ତି। ବଜାରରେ ପର୍ଯ୍ୟାପ୍ତ ଉପଲବ୍ଧ ନାହିଁ ବୋଲି ଏକ ଧାରଣା ସୃଷ୍ଟି କରି ନିଜ ପାଖରେ ମହଜୁଦ ଥିବା ଆଳୁକୁ ଅଧିକ ଦାମରେ ବିକ୍ରୟ କରି ଅଧିକ ମୁନାଫା ପାଇଥାଆନ୍ତି। ସେହିପରି ପ୍ରାକୃତିକ ବିପର୍ଯ୍ୟୟ, ମହାମାରୀ କିମ୍ବା ଯୁଦ୍ଧ ସମୟରେ ସୁଲଭ ଯୋଗାଣ ଶୃଙ୍ଖଳା ବିଚ୍ଛିନ୍ନ ହେଲେ ଏହାର ସୁଯୋଗ ନେଇ କଳାବଜାରୀ ବଢ଼ିଥାଏ। ବେଳେ ବେଳେ କୌଣସି ଜିନିଷର ଚାହିଦା ଅପେକ୍ଷାକୃତ ଅଧିକ ଥିଲେ, କିଛି ଲୋକ ଚୋରା ମାର୍ଗରେ ତାହାକୁ ବିକ୍ରି କରିବାକୁ ଚେଷ୍ଟା କରନ୍ତି। ଏହା ସମାଜ ଉପରେ କୁପ୍ରଭାବ ପକାଇଥାଏ। ସାଧାରଣ ଖାଉଟିମାନେ ଅଧିକ ଟଙ୍କା ଦେଇ ଜିନିଷ କିଣିବାକୁ ବାଧ ହୁଅନ୍ତି। ଯାହା ମଧ୍ୟବିତ୍ତ ଓ ଗରିବ ଶ୍ରେଣୀର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଦିଏ। ଏଥିରେ ସାମାଜିକ ଅସମାନତା ଦେଖା ଯାଇଥାଏ। ଧନୀ ଲୋକମାନେ ଅଧିକ ମୂଲ୍ୟ ଦେଇ ସାମଗ୍ରୀ ପାଇ ଯାଉଥିବା ବେଳେ ଗରିବ ଲୋକମାନେ ମୌଳିକ ସୁବିଧାରୁ ବଞ୍ଚିତ ହୁଅନ୍ତି। ସେହିପରି ସରକାରଙ୍କର ରାଜସ୍ୱ ହାନି ହୋଇଥାଏ। ଏହି ମୁନାଫା କାରବାର ବେଳେ ସରକାରୀ ଖାତାରେ ହିସାବ ରହୁ ନଥିବାରୁ ସରକାର ବହୁ ପରିମାଣର ଟିକସ ଓ ରାଜସ୍ୱ ହରାନ୍ତି।

ବର୍ତ୍ତମାନ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଚାଲିଛି। ଯୁଦ୍ଧର ପ୍ରଭାବ ବିଶ୍ୱ ଅର୍ଥନୀତିକୁ ଦୋହଲାଇ ଦେଇଛି। ଭାରତ ଉପରେ ମଧ୍ୟ ଏହାର ଗଭୀର ପ୍ରଭାବ ପଡ଼ିଛି। ବିଶେଷ କରି ରନ୍ଧନ ଗ୍ୟାସ୍‌ର କୃତ୍ରିମ ଅଭାବ ପରିଲକ୍ଷିତ ହୋଇଛି। ଏହାର ଫାଇଦା ନେଇ କିଛି ଅସାଧୁ ବ୍ୟବସାୟୀ ଚଢ଼ା ଦରରେ ଗ୍ୟାସ୍ ବିକ୍ରି କରୁଛନ୍ତି। ବେଆଇନ ଭାବେ ରନ୍ଧନ ଗ୍ୟାସ୍ ବିକ୍ରି କରିବା ଆଇନ ଅନୁଯାୟୀ ଅପରାଧ। ଭାରତରେ କଳାବଜାରୀ ବା ବ୍ଲାକ୍ ମାର୍କେଟିଂକୁ ରୋକିବା ପାଇଁ ଅନେକ ସଶକ୍ତ ଆଇନ ପ୍ରଣୟନ କରାଯାଇଛି। ମୁଖ୍ୟତଃ ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ସୃଷ୍ଟି କରି ଚଢ଼ା ଦରରେ ବିକ୍ରି କରିବାକୁ ରୋକିବା ଏହି ନିୟମଗୁଡ଼ିକର ଲକ୍ଷ୍ୟ।





## ଖାଉଟି ସୁରକ୍ଷା ଆଇନ

ଗ୍ରାହକମାନଙ୍କୁ ଠିକ୍ ଭାବରେ ସେବା ଯୋଗାଇ ଦିଆଯାଉଛି କି ନାହିଁ କିମ୍ବା ଅନ୍ୟାୟ ଉପାୟରେ ବ୍ୟବସାୟ କରୁଥିବା କାଳବଜାରୀମାନଙ୍କୁ ଦଣ୍ଡିତ କରିବା ପାଇଁ ୧୯୮୬ ମସିହାରେ 'ଖାଉଟି ସୁରକ୍ଷା ଆଇନ' ପ୍ରଣୟନ କରାଯାଇଛି। ଗ୍ରାହକଙ୍କୁ ଶୋଷଣ କଲେ ସେମାନେ ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇପାରିବେ। ଖୁବ୍ ସ୍ୱଳ୍ପ ସମୟ ଅବଧି ମଧ୍ୟରେ କୌଣସି ଓକିଲ ନିଯୁକ୍ତି ନ କରି ଖାଉଟି ନିଜେ ବ୍ୟକ୍ତିଗତ ଭାବରେ ମାମଲା ଲଢ଼ି ପାରିବାର ଆଇନ ରହିଛି।

ଏଥିପାଇଁ ଯୋଗାଣ ବିଭାଗ ବା Food Supplies & Consumer Welfare Department କାର୍ଯ୍ୟ କରୁଛି। ଜିଲ୍ଲାପାଳ କିମ୍ବା ଯୋଗାଣ ଅଧିକାରୀମାନେ ବିଭିନ୍ନ ଗୋଦାମ ଓ ଦୋକାନ





ଉପରେ ଚଢ଼ାଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କ୍ଷମତା ପ୍ରଦାନ କରାଯାଇଛି। ଏମିତି ବେଆଇନ କାର୍ଯ୍ୟ ପାଇଁ ପୋଲିସ ପାଖରେ ମଧ୍ୟ FIR ରୁଜୁ କଲେ ଅସାଧୁ ବ୍ୟବସାୟୀମାନଙ୍କୁ ପୋଲିସ ଗିରଫ କରିପାରିବ।

ଏହାର ନିରାକରଣର ଉପାୟ ଯଦି ଦେଖିବା ତେବେ ଏଥିପାଇଁ ଅଧିକ କଠୋର ଆଇନର ଆବଶ୍ୟକତା ରହିଛି। ପ୍ରଚଳିତ ଆଇନ ଅନେକ ସମୟରେ ଯଥେଷ୍ଟ ନୁହଁ ବୋଲି କୁହାଯାଏ। କଳାବଜାରୀ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ପ୍ରଶାସନ ପକ୍ଷରୁ କଠୋର ଆଭିମୁଖ୍ୟ ଆପଣେଇବା ଓ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ।

## ଜେଲଦଣ୍ଡ ଓ ଜରିମାନା

କଳାବଜାରୀକୁ ରୋକିବାକୁ ପାଇଁ ପ୍ରଣୀତ ଆଇନଗୁଡ଼ିକ ହେଲା, 'ଅତ୍ୟାବଶ୍ୟକ ସାମଗ୍ରୀ ଆଇନ, ୧୯୫୫' ବା 'Essential Commodities Act, 1955'। ଏହି ଆଇନ ଅନୁଯାୟୀ, ସରକାର ଖାଦ୍ୟଶସ୍ୟ, ଡାଲି, ତେଲ, ପେଟ୍ରୋଲିୟମ, ଔଷଧ ଇତ୍ୟାଦି କେତେକ ନିର୍ଦ୍ଦିଷ୍ଟ ସାମଗ୍ରୀକୁ ଅତ୍ୟାବଶ୍ୟକ ଘୋଷଣା କରିଛନ୍ତି। କୌଣସି ବ୍ୟକ୍ତି ବା ବ୍ୟବସାୟୀ ଏହି ସାମଗ୍ରୀଗୁଡ଼ିକକୁ ଅଯଥା ବେଆଇନ ଭାବରେ ମହଜୁଦ ରଖିପାରିବେ ନାହିଁ। ଯଦି କେହି ଏହାର ଉଲ୍ଲଂଘନ କରନ୍ତି, ତେବେ ତାଙ୍କୁ ୭ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ କିମ୍ବା ଜରିମାନା କିମ୍ବା ଉଭୟ ହୋଇପାରେ। ସେହିପରି ୧୯୮୦ ମସିହାରେ ପ୍ରଣୀତ 'କଳାବଜାରୀ ପ୍ରତିରୋଧ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ବଜାୟ ରଖିବା ଆଇନ, ୧୯୮୦' ବା (Prevention of Black-marketing and Maintenance of Supplies of Essential Commodities Act, 1980) PBMSEC Act କାର୍ଯ୍ୟ କରି ଆସୁଅଛି। ଏହି ଆଇନ ସରକାରଙ୍କୁ କଳାବଜାରୀ କରୁଥିବା ବ୍ୟକ୍ତିଙ୍କୁ ଅଟକ ରଖିବା ପାଇଁ ଅଧିକାର ଦିଏ।

ଯଦି ପ୍ରଶାସନ ଅନୁଭବ କରେ ଯେ, କୌଣସି ବ୍ୟକ୍ତି ସାମଗ୍ରୀର ଯୋଗାଣରେ ବାଧା ସୃଷ୍ଟି କରୁଛନ୍ତି ବା ସଠିକ୍ ଭାବରେ ବଣ୍ଟନ କରୁନାହାନ୍ତି, ତେବେ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ କିମ୍ବା ପୋଲିସ କମିଶନର ତାଙ୍କୁ ବିନା ୱାରେଣ୍ଟରେ ୬ ମାସ ପର୍ଯ୍ୟନ୍ତ ଜେଲରେ ଅଟକ ରଖି ପାରିବେ। ସେହିପରି ୨୦୨୪ ମସିହାରେ ନୂଆ କରି ପ୍ରଣୀତ ଭାରତୀୟ ନ୍ୟାୟ ସଂହିତା ବା BNS ବା ପୂର୍ବରୁ ୧୮୬୦ ମସିହାରୁ ପ୍ରଚଳିତ ହୋଇ ଆସୁଥିବା 'ଭାରତୀୟ ପିଙ୍ଗଳ କୋଡ୍' ଅନୁଯାୟୀ ଠକେଇ ଏବଂ ବେଆଇନ ମହଜୁଦ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ସାହାଯ୍ୟ କରେ। ଏହା ସହିତ ଲିଗାଲ୍ ମେଟ୍ରୋଲୋଜି ଆକ୍ଟ ବା Legal Metrology Act ଅନୁଯାୟୀ ସମସ୍ତ ବିକ୍ରି ସାମଗ୍ରୀର MRP (Maximum Retail Price) ଠାରୁ ଅଧିକ ଟଙ୍କା ନେବା ଏକ ଗୁରୁତର ଅ ପ ର ା ଧ ଅଟେ। ଯଦି କୌଣସି ଅସାଧୁ ବ୍ୟବସାୟୀ ବିକ୍ରୟ କରୁଥିବା ଜିନିଷ ଉପରେ ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ମୂଲ୍ୟ ଗ୍ରାହକମାନଙ୍କ ପାଖରୁ ନିଏ ବା ଦାବି କରେ, ତେବେ ସରକାରଙ୍କ ମାପ ଓ ଓଜନ ବିଭାଗ ଅଧିକାରୀମାନେ ଯାଞ୍ଚ ବେଳେ ଧରାପଡ଼ିଲେ ପ୍ରଥମ ଅପରାଧ ପାଇଁ ୧ ଲକ୍ଷ ଟଙ୍କା ଓ ତା' ପରେ ଯେତେ ଥର ଏମିତି ଅପରାଧ ଘଟେଇବେ ଉପରୋକ୍ତ ଟଙ୍କା ସହ ଜେଲଦଣ୍ଡ ଭୋଗିବେ ବୋଲି ଉଲ୍ଲିଖିତ ରହିଛି। ଏହି ଆଇନ ଅନୁଯାୟୀ ମାପ ଓ ଓଜନ ନିରୀକ୍ଷକ କିମ୍ବା ତଦୁର୍ଦ୍ଧ୍ୱ ଅଧିକାରୀ ନିୟମିତ ପେଟ୍ରୋଲ ପମ୍ପ ଓ ଗ୍ୟାସ୍ ଏଜେନ୍ସିଗୁଡ଼ିକଙ୍କ ଗୋଦାମ ଘର ଯାଞ୍ଚ କରି ଉପଯୁକ୍ତ ପରିମାଣରେ ଦ୍ରବ୍ୟ ବା ଗ୍ୟାସ୍‌ର ଓଜନ ଓ ସ୍ୱଚ୍ଛତା ଠିକ୍ ଅଛି କି ନାହିଁ ଯାଞ୍ଚ କରିବାକୁ ନିୟମରେ ଉଲ୍ଲେଖ ରହିଛି।




## ଜନସଚେତନତା ଆବଶ୍ୟକତା

ଯଦି ଅଧିକୃତ ଅଧିକାରୀମାନେ ନିୟମିତ ଚଢ଼ାଉ ଜାରି ରଖନ୍ତେ, ତେବେ ଏହି ଅସାଧୁ ବ୍ୟବସାୟୀମାନଙ୍କ ଉପରେ ରୋକ୍ ଲଗା ଯାଇପାରନ୍ତା। ବଜାର ଓ ଗୋଦାମଗୁଡ଼ିକରେ ନିୟମିତ ଭାବେ ଯାଞ୍ଚ କରାଯିବା ଆବଶ୍ୟକ ରହିଛି। ଏଥିପାଇଁ ଜନସଚେତନତାର ଆବଶ୍ୟକତା ରହିଛି। ଗ୍ରାହକମାନେ ସଚେତନ ହୋଇ ସାମଗ୍ରୀର ଉଚିତ ମୂଲ୍ୟ ଜାଣିବା ଏବଂ କଳାବଜାରୀ ବିଷୟରେ ଅଭିଯୋଗ କରିବା ଜରୁରି।

କଳାବଜାରୀ ଏକ ଅମାନବୀୟ କାର୍ଯ୍ୟ। ଏହାକୁ ରୋକିବା ପାଇଁ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା କିଛି ବର୍ଷ ତଳେ 'ଜାଗୋ ଗ୍ରାହକ ଜାଗୋ' ନାମକ ଏକ କାର୍ଯ୍ୟକ୍ରମ ଗଣମାଧ୍ୟମରେ ପ୍ରଦର୍ଶନ କରି ଖାଉଟି ସଚେତନତା ଜାରି ରଖିଥିଲେ। ତାହା ଏବେ ବନ୍ଦ ହୋଇ ଯାଇଛି। ତାକୁ ପୁନଶ୍ଚ ପ୍ରଦର୍ଶନ କରାଯିବା ସହ ଖାଉଟିମାନଙ୍କୁ ସଚେତନ କରାଯିବା ଓ ପଥ ପ୍ରାନ୍ତ ନାଟକ କିମ୍ବା ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ କରି ଖାଉଟିମାନଙ୍କୁ ପ୍ରଚଳିତ ଆଇନ ବିଷୟରେ ସଚେତନ କରିବା ଉଚିତ। କେବଳ ସରକାର ନୁହେଁ, ବରଂ ଜନସାଧାରଣଙ୍କ ସହଯୋଗ ମଧ୍ୟ ଏଥିପାଇଁ ଏକାନ୍ତ ଆବଶ୍ୟକ। ଏକ ସୁସ୍ଥ ଓ ସମୃଦ୍ଧ ସମାଜ ଗଠନ ପାଇଁ ଏହି କୁପ୍ରଥାର ସମୂଳ ବିନାଶ ଜରୁରି। ■




ଆଇନଜୀବୀ, ଭଦ୍ରକ , ମୋ: ୯୪୩୭୧୨୮୮୪୧

## "ବ୍ୟବସାୟ ପୂରା ଠପ୍"




ଭୁବନେଶ୍ୱର ନୟାପଲ୍ଲୀରେ ମୋର ଗ୍ୟାସ୍ ରିପାରିଂ ଦୋକାନ ରହିଛି। ଆଜକୁ ଦୀର୍ଘ ବର୍ଷ ହେବ ଏହି ଦୋକାନରୁ ମୋର ପରିବାର ଚଳେ। ଖାଇବା, ଘରଭଡ଼ା, ପିଲାଙ୍କ ପାଠପଢ଼ା ସବୁ କିଛି ସେହି ଦୋକାନ ଉପରେ ନିର୍ଭରଶୀଳ। ହେଲେ ଦୁଃଖର ବିଷୟ ବର୍ତ୍ତମାନ ଗ୍ୟାସ୍ ଦରବୃଦ୍ଧି ଯୋଗୁଁ ମୋର ବ୍ୟବସାୟ ପୂରା ଠପ୍ ହୋଇଯାଇଛି। ମୋ ଦୋକାନକୁ ଅଧିକାଂଶ ହଷ୍ଟେଲ ପିଲା, ଶ୍ରମିକ ତଥା ଦିନମଜୁରିଆ ଶ୍ରେଣୀର ଲୋକେ ଆସନ୍ତି। ହେଲେ ବର୍ତ୍ତମାନ ସ୍ଥିତିରେ ଦାମ୍ ବୃଦ୍ଧି ଯୋଗୁଁ ମୋର ବେପାର ପୂରା ବନ୍ଦ। ବାଧ ହୋଇ ମୁଁ ମାର୍ଚ୍ଚ ୩ ତାରିଖରୁ ଏଯାବତ୍ ଦୋକାନ ଖୋଲି ନାହିଁ। ଦାମ୍ ବୃଦ୍ଧି ଯୋଗୁଁ ଏବେ ନାହିଁ ନଥିବା ସମସ୍ୟା ଭୋଗିବାକୁ ପଡୁଛି। କେବଳ ମୁଁ ନୁହେଁ, ହଷ୍ଟେଲରେ ରହୁଥିବା ପିଲା, ଦିନ ମଜୁରିଆ ଏବେ ସମସ୍ତେ ହଇରାଣ ହେଉଛନ୍ତି। ■

**ନାରାୟଣ ପଣ୍ଡା**
ଗ୍ୟାସ୍ ରିପାରିଂ ଦୋକାନ, ଭୁବନେଶ୍ୱର

ମଧ୍ୟପ୍ରାଚ୍ୟରେ ଯୁଦ୍ଧର ଭୟାବହ ପରିସ୍ଥିତି । ଯୁଦ୍ଧକୁ ଗୋଟିଏ ମାସ ପୂରିବ । ତଥାପି ଯୁଦ୍ଧ ସମାପ୍ତ ହେଉ ନାହିଁ । ଦୀର୍ଘଦିନ ଧରି ଯୁଦ୍ଧ ଲାଗି ରହିଥିବାରୁ ଦୋହଲି ଯାଇଛି ବିଶ୍ୱ ଅର୍ଥନୀତି । ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ଭାରତ ମଧ୍ୟ ଗଭୀର ଭାବେ ପ୍ରଭାବିତ । ବିଶେଷ କରି ତୈଳ ଓ ରନ୍ଧନ ଗ୍ୟାସ୍ ଆମଦାନି ପ୍ରଭାବିତ ହୋଇଛି । ଓଡ଼ିଶାରେ ରନ୍ଧନ ଗ୍ୟାସ୍‌ର କୃତ୍ରିମ ଅଭାବ ଯୋଗୁଁ ପରିସ୍ଥିତି ଜଟିଳ ହେବାରେ ଲାଗିଛି । ଅସାଧୁ ବ୍ୟବସାୟୀମାନେ ଅଧିକ ଦରରେ ଗ୍ୟାସ୍ ବିକ୍ରି କରୁଛନ୍ତି । ଫଳରେ ସାଧାରଣ ଉପଭୋକ୍ତାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯୁଦ୍ଧର ପ୍ରଭାବ ଯୋଗୁଁ କେଉଁଠି ଗ୍ୟାସ୍ କଳାବଜାରୀ ହେଉଛି ତ କେଉଁଠି ଅତ୍ୟାବଶ୍ୟକୀୟ ସାମଗ୍ରୀ ଦର ବୃଦ୍ଧି ପାଇବାରେ ଲାଗିଛି । ପୁଣି କେଉଁଠି ଗ୍ୟାସ୍‌ର ଅଭାବ ଯୋଗୁଁ ହୋଟେଲ, ରେସ୍ତୋରାଁ ବନ୍ଦ ହେବାକୁ ବସିଲାଣି । ଦରବୃଦ୍ଧିକୁ ନେଇ ବିଭିନ୍ନ ବର୍ଗର ଲୋକେ କିଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଜାଣିବା ସେମାନଙ୍କ ମୁହଁରୁ ।

## ଦରବୃଦ୍ଧିର ପ୍ରଭାବ

# ବେପାର ଅଚଳ ହାଣ୍ଡିଶାଳରେ ମାଡ଼



### “ଗ୍ୟାସ୍‌ରେ ରୋଷେଇ କରିବା ଚିନ୍ତାଜନକ”

ଗ୍ୟାସ୍‌ରେ ରୋଷେଇ କରି ଖାଇବା ଦିନକୁ ଦିନ ଅସହ୍ୟ ହୋଇପଡୁଛି । ଯେଉଁ ଗ୍ୟାସ୍‌ର କେଜି ପିଛା ମୂଲ୍ୟ ୧୦୫ ରୁ ୧୧୦ ଟଙ୍କା ପଡୁଥିଲା, ସେହି ଗ୍ୟାସ୍ ଏବେ କିଲୋ ୩୦୦ ଟଙ୍କାରେ ପହଞ୍ଚିଲାଣି । ତେଣୁ ଗ୍ୟାସ୍ ଭରି ରୋଷେଇ କରିବା ଚିନ୍ତାଜନକ ହୋଇପଡ଼ିଛି । ବାହାରେ ସକାଳ ଜଳଖିଆଠୁ ନେଇ ମଧ୍ୟାହ୍ନ ଏବଂ ରାତ୍ରିଭୋଜନ କଲେ ମଧ୍ୟ ପ୍ଲେଟ୍ ପିଛା ଦୋକାନୀମାନେ ଦର ବୃଦ୍ଧି କଲେଣି । ଘରୁ ଆସୁଥିବା ସୀମିତ ଟଙ୍କାରେ ମାସ ମାସ ଚଳିବା ଜଣେ ଛାତ୍ରୀ ଭାବେ ମୋ ପାଇଁ ଖୁବ୍ କଷ୍ଟକର । ■

**ମାମିନା ପାଟ୍ଟଯୋଷୀ**
ଛାତ୍ରୀ, ହଷ୍ଟେଲ ଅନ୍ତେବାସୀ, ଭୁବନେଶ୍ୱର



### “ଗ୍ୟାସ୍ ଅଭାବ ଯୋଗୁଁ ବେପାର ଅଚଳ”

ଗ୍ୟାସ୍ ମିଳୁନି ବ୍ୟବସାୟ କେମିତି କରିବୁ? କେମିତି ଚଳିବୁ? ଘରୋଇ ଗ୍ୟାସ୍ କଷ୍ଟେ ମଷ୍ଟେ ମିଳୁଥିଲେ ହେଁ ଏଥିରେ ଘର ରୋଷେଇ ସହ ବେପାର ପାଇଁ ଦହିବରା ତିଆରି କରିବା ସମ୍ଭବ ହୋଇପାରୁନି । ତେଣୁ ଯାହା ଯେମିତି ଚାଲିଛି । ଦିନେ ଖୋଲିଲେ ଚାରିଦିନ ବନ୍ଦ କରିବାକୁ ପଡୁଛି । ଗ୍ୟାସ୍ ମୂଲ୍ୟ ବୃଦ୍ଧି ହେଲେ ଦହିବରା ପ୍ଲେଟ୍‌ରେ ଦମ୍ ବଢ଼ାଇଲେ ଲୋକେ ଖାଉନାହାନ୍ତି । ଫଳରେ ଏଥିପାଇଁ ମଧ୍ୟ କ୍ଷତି ସହିବାକୁ ପଡୁଛି । ■

**ରଘୁ ଗୌରହରି**
ଦହିବରା ବ୍ୟବସାୟୀ, ଭୁବନେଶ୍ୱର



### “ଗ୍ୟାସ୍ ବ୍ୟବହାର କରିବାକୁ ଡର ଲାଗୁଛି”

ଏବେ ଗ୍ୟାସ୍‌ରେ ରୋଷେଇ କରିବାକୁ ଡର ଲାଗିଲାଣି । ଯୁଦ୍ଧ ଯୋଗୁଁ ଗ୍ୟାସ୍‌ର ମୂଲ୍ୟ ବୃଦ୍ଧି ସମସ୍ୟାଜନକ ହୋଇଗଲାଣି । ତେଣୁ ଯେତେ ସମ୍ଭବ ଜଗି ରଖି କମ୍ ଗ୍ୟାସ୍‌ରେ କେମିତି ରୋଷେଇ ହେବ ତାକୁ ଦେଖିବାକୁ ପଡୁଛି । ତିନି ଚାରି ପ୍ରକାର ବଦଳରେ ଭାତ, ଡାଲି, ଭଜାରେ କାମ ଚଳାଇବାକୁ ପଡୁଛି । ଆଗରୁ ଗୋଟିଏ ଗ୍ୟାସ୍ ସିଲିଣ୍ଡର ମାସେ ଯାଉଥିଲା । ହେଲେ ଏବେ ଗୋଟେ ଗ୍ୟାସ୍‌କୁ ଅତିବେଶୀରେ କେମିତି ଦେଢ଼ମାସ ବ୍ୟବହାର କରିହେବ ତାକୁ ନିୟନ୍ତ୍ରଣ କରିବାକୁ ପଡୁଛି । ସହରରେ କାଠଜାଳର ସେତେଟା ସୁବିଧା ନଥିବା ସତ୍ତ୍ୱେ, ଚୁଲିରେ ଯଥାସମ୍ଭବ ଭାତ ରୋଷେଇ କରୁଛି । ■

**ରମା ମହାରଣା**, ଗୃହିଣୀ, ପୁରୀ



### “ରେସ୍ତୋରାଁ ଖୋଲିବାକୁ ଡର ଲାଗୁଛି”

କମର୍ସିଆଲ ଗ୍ୟାସ୍ ମିଳୁ ନାହିଁ । ସପ୍ତାହକୁ ଗୋଟିଏ ଗ୍ୟାସ୍ ମିଳିବା କଷ୍ଟ ହେଉଥିବାରୁ ବାଧ ହୋଇ ବାହାରୁ ଗ୍ୟାସ୍ କିଣୁଛୁ । ବାହାରେ ଗ୍ୟାସ୍ ମୂଲ୍ୟ ସାଧାରଣ ଭାବେ ମିଳୁଥିବା ଗ୍ୟାସ୍ ଦାମ୍‌ଠାରୁ ତିନିଗୁଣ ଅଧିକ । ତେଣୁ ବାଧ ହୋଇ ବ୍ୟଞ୍ଜନ ଉପରେ ଦାମ୍ ବଢ଼ାଇବାକୁ ପଡ଼ିଛି । ଦାମ୍ ବୃଦ୍ଧି ପାଇଁ ଗ୍ରାହକ ବି ଅସନ୍ତୁଷ୍ଟ । ଆଗରୁ ଦିନକୁ ଶହେ ଅର୍ଡର ଆସୁଥିଲା । ଏବେ ଆଇଟମ୍ ଦାମ ସାଙ୍ଗକୁ ଜମାଟୋ ଓ ସ୍ୱିଗି ବି ଦାମ୍ ବଢ଼ିଥିବାରୁ ଗ୍ରାହକଙ୍କୁ ଅଧିକ ମୂଲ୍ୟ ଦେବାକୁ ପଡୁଛି । ଫଳରେ ଦିନକୁ ୨୦ରୁ ୨୫ ଅର୍ଡର ଆସୁଛି । ଯେଉଁ ବ୍ୟଞ୍ଜନ ପ୍ରସ୍ତୁତ କରିବାକୁ ଅଧିକ ସମୟ ବା ଗ୍ୟାସ୍ ଖର୍ଚ୍ଚ ହୁଏ ସେହି ଆଇଟମ୍ ଏବେ କରୁନୁ । ମଟନ, ତନ୍ଦୁରୀ ଆଇଟମ୍ ନ କରି ଚାଇନିଜ୍ ଆଇଟମ୍‌ରେ କାମ ଚଳାଉଛୁ । କ୍ୟାଟରିଂ, ଭୋଜି ପାଇଁ ଅର୍ଡର ନେଇ ହେଉ ନାହିଁ । କାଠ ଚୁଲା ଥିଲେ ବି ସବୁ ଆଇଟମ୍ ଚୁଲିରେ ହୋଇପାରିବ ନାହିଁ । ତେଣୁ ରେସ୍ତୋରାଁ ସପ୍ତାହରେ ତିନି ଦିନ ଖୋଲି ବାକି ଦିନ ବନ୍ଦ ରଖୁଛୁ । ■


**ସଂଗ୍ରାମ କେଶରୀ ସାମଲ**
ରେସ୍ତୋରାଁ ମାଲିକ, ଭୁବନେଶ୍ୱର



### “କମ୍ ଖର୍ଚ୍ଚରେ ପରିବାର ଚଳାଇବା କଷ୍ଟସାଧ୍ୟ”

ଗୃହିଣୀମାନେ ଘରର ଖର୍ଚ୍ଚ, ରାନ୍ଧଣା ଓ ପରିଚାଳାନରେ ମୁଖ୍ୟ ଭୂମିକା ନିର୍ବାହ କରନ୍ତି । ତେଣୁ ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧର ପ୍ରଭାବ ଦୈନନ୍ଦିନ ଘରୋଇ ଜୀବନରେ ପଡ଼ିଛି । ଗ୍ୟାସ୍ ଓ ଖାଦ୍ୟ ସାମଗ୍ରୀ ଦାମ ବୃଦ୍ଧି ଆମ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ଯୁଦ୍ଧ ଦ୍ୱାରା କଞ୍ଚା ତୈଳ ଦାମ୍ ବଢ଼ିଯାଏ । ଏହାର ପ୍ରଭାବ ଏଲ୍‌ପିଜି ସିଲିଣ୍ଡର ଉପରେ ପଡ଼ିଛି । ରାନ୍ଧଣା ଖର୍ଚ୍ଚ ବଢୁଥିବାରୁ ଏବେ ସାବଧାନ ହୋଇ ଗ୍ୟାସ୍ ବ୍ୟବହାର କରୁଛୁ । ଡାଲି, ତେଲ, ପରିବା ଆଦି ଦାମ ବଢ଼ିବାରୁ ପରିବାରର ଖାଦ୍ୟ ତାଲିକା ବାଧ ହୋଇ ବଦଳାଉଛି । ସମାନ ଆୟରେ ଖର୍ଚ୍ଚ ସମ୍ଭାଳିବା ପାଇଁ ଅନେକ ଯୋଜନା କରିବାକୁ ପଡୁଛି । ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରବୃଦ୍ଧି ଓ ଘର ଚଳାଇବାର ଚିନ୍ତା ଆମକୁ ମାନସିକ ଭାବରେ ପ୍ରଭାବିତ କରୁଛି । ତେଣୁ କମ୍ ଖର୍ଚ୍ଚରେ ପରିବାରକୁ କେମିତି ଚଳାଇବୁ ତାହାକୁ ନେଇ ଚିନ୍ତା ଅଧିକ ରହୁଛି । ■

**ସୁପ୍ରଭା ନାୟକ**
ଗୃହିଣୀ, ଭୁବନେଶ୍ୱର





# ନୀତି ଅନୀତି ରାଜନୀତି

ଶ୍ରୀବିଦୁର



## ଆଳୁଦୋଷ ଜନ୍ମଗତ !

ପ୍ରତ୍ୟେକ ଲୋକର କିଛି ନା କିଛି ଦୋଷ ଥାଏ । କିଛି ଦୋଷ ସଙ୍ଗ ପ୍ରଭାବରେ ମିଳିଥାଏ; କିଛି ଦୋଷ ଜନ୍ମଗତ ହୋଇଥାଏ । ମିଛୁଆଙ୍କ ସହ ସାଙ୍ଗ ହେଉଥିବା ଲୋକ ନିରନ୍ତର ମିଛ କହୁଥିଲେ ବି ସତ୍‌ସଙ୍ଗ ସାନ୍ନିଧ୍ୟରେ ତାହାର ଚରିତ୍ର ବଦଳିଯାଏ । ହେଲେ ଜନ୍ମଗତ ଦୋଷର କୌଣସି ଉପଚାର ଏଯାଏ ବାହାରିଥିବା ପରି ମନେ ହୁଏନାହିଁ । ପଦ୍ମ ଦଳିଆ ନେତା ତଥା ଆମ ରାଜ୍ୟର ଯୋଗାଣ ମନ୍ତ୍ରୀ ବାବୁ କୃଷ୍ଣଚନ୍ଦ୍ରଙ୍କ ଆଳୁଦୋଷ ସେହିପରି ଜନ୍ମଗତ ଓ ଯିଏ ଯାହା ଉପଚାର କଲେ ବି ତାହା ଯାଉନାହିଁ । ସାରା ରାଜ୍ୟରେ ଏବେ ରନ୍ଧନ ଗ୍ୟାସ ପାଇଁ ହାହାକାର ଅବସ୍ଥା । ରାଜ୍ୟରେ ଦୈନିକ ୧.୭ ଲକ୍ଷ ସିଲିଣ୍ଡର ଲୋଡ଼ା ପଡୁଥିବାବେଳେ ଏବେ ମାତ୍ର ୧.୪ ଲକ୍ଷ ସିଲିଣ୍ଡର ଆସୁଛି ।ଗ୍ୟାସ ବିକ୍ରୟ କେନ୍ଦ୍ର ଓ ଗୋଦାମ ଆଗରେ ଲୋକେ ସାଇକେଲ, ମୋଟର ସାଇକେଲ, କାର ଧରି ଲମ୍ବା ଧାଡ଼ି ଲଗାଉଥିବା ଦେଖିବାକୁ ମିଳୁଛି । ହଜାରେ ଟଙ୍କାରୁ କମ୍ ମୂଲ୍ୟରେ ମିଳୁଥିବା ଗ୍ୟାସ କଳାବଜାରରେ ଅଢ଼େଇ ହଜାର ଟଙ୍କାରେ ବିକ୍ରି ହେଉଛି । ଆଉ କେଇଦିନ ପରେ ପରିସ୍ଥିତି ଗମ୍ଭୀର ହେବା ଆଶଙ୍କା କରାଯାଉଛି । ହେଲେ ଯୋଗାଣମନ୍ତ୍ରୀ ବାବୁ କୃଷ୍ଣଚନ୍ଦ୍ର ଯାକୁ ମାନିବାକୁ ନାରାଜ । ରାଜ୍ୟରେ ପର୍ଯ୍ୟାପ୍ତ ଗ୍ୟାସ ସିଲିଣ୍ଡର ଅଛି, ଯାହାକୁ ଯେତେ ଆବଶ୍ୟକ ଦିଆଯାଉଛି ବୋଲି ବୁମ୍ ଆଗରେ ମନ୍ତ୍ରୀ କହୁଥିବା ଆମେ ଶୁଣିଛୁ । ଏପଟେ ଉପଭୋକ୍ତା ଗ୍ୟାସ ବୁକିଂ କରିପାରୁ ନାହାନ୍ତି, ବୁକିଂ ହେଲେ ବି ଗ୍ୟାସ ମିଳିବାକୁ ପନ୍ଦରଦିନ ଲାଗୁଛି । ଦି' ବର୍ଷ ତଳେ ମନ୍ତ୍ରୀ ଓଡ଼ିଶାକୁ ଆଣିବା ପାଇଁ ଉତ୍ତରପ୍ରଦେଶରୁ ଦି'ଟା ଟ୍ରେନ୍‌ରେ ଆଳୁ ଲଦିଥିଲେ, ତାହା ଆଜି ଯାଏ ରାଜ୍ୟରେ ପହଞ୍ଚିପାରିଲା ନାହିଁ । ବାବୁ କୃଷ୍ଣଚନ୍ଦ୍ର ଯଦି ସେହି ଟ୍ରେନ୍‌ରେ ଗ୍ୟାସ ଆଣୁଥିବେ, ତେବେ ତ କଥା ସରିଲା । ଏ କଥା ମନ୍ତ୍ରୀବାପୁଡ଼ାଙ୍କୁ କିଏ ବୁଝାଇବ? ■



## ମାନୁନାହିଁ ନନାଙ୍କ ମନ

ପଦ୍ମ ଦଳରେ ଦୁର୍ବାସା ରୂପେ ପରିଚିତ ବାଲେଶ୍ୱର ନନା ଓରଫ ସାଂସଦ ପ୍ରତାପ ଷଡ଼ଙ୍ଗୀ ଏବେ କୁଆଡ଼େ ବଡ଼ ଦ୍ୱିଧାରେ । ପଦ୍ମ ଶିବିରରେ ନବାଗତ ବାବୁ ରବୀନ୍ଦ୍ର ଫୁଲତୋଡ଼ା ଧରି ଶଙ୍ଖୋଳି ଥିଲେ ବି ତହିଁରେ ନନାଙ୍କ ମନ ମାନୁନି । ଯେଉଁଦିନ ରବିବାବୁ ଗେରୁଆ ଟୋପି ପିନ୍ଧି ପଦ୍ମ ପୋଖରୀକୁ ଲମ୍ଫ ଦେଲେ, ସେହିଦିନ ନନାଙ୍କ ଏକ ଭିଡ଼ିଓ ଭାରି ଭାଇରାଲ ହୋଇଥିଲା । ସାଧାରଣ ନିର୍ବାଚନ ପୂର୍ବରୁ ବସ୍ତାରେ ପତ୍ନୀଙ୍କ ପାଇଁ ସମର୍ଥନ ଲୋଡ଼ିଥିବା ରବୀନ୍ଦ୍ରଙ୍କୁ ସଫା ସଫା ନିଜ ଦଳ ପ୍ରତି ବେଇମାନୀ କରିବେ ନାହିଁ ବୋଲି ନନା କହିଥିବା ଏଥିରେ ଶୁଣାଯାଇଥିଲା । ଏପରିକି ରବୀନ୍ଦ୍ରଙ୍କ ପଦ୍ମ ଶିବିର ପ୍ରବେଶରେ ବିଶେଷ କିଛି ଫରକ ପଡ଼ିବ ନାହିଁ ବୋଲି ବି ନନା କହିଥିଲେ । ମାତ୍ର ବାଲେଶ୍ୱରରେ ଏବେ ଯେଉଁ ଖବରଟି ପ୍ରଚାରିତ ହେଉଛି, ତାହାକୁ ଶୁଣୁଥିବା ନନାପ୍ରେମୀମାନଙ୍କ ମଗଜ ଗରମ । ଆଗାମୀ ଦିନରେ ନନାଙ୍କୁ ଦଳର ମାର୍ଗଦର୍ଶକ ମଣ୍ଡଳୀରେ ସମ୍ମାନଜନକ ଭାବରେ ଥଇଥାନ କରାଯିବ ଏବଂ ଯେଉଁ ରବୀନ୍ଦ୍ରଙ୍କୁ ନନା ଓ ତାଙ୍କ ଦଳର କର୍ମୀମାନେ ଆଜୀବନ ବିରୋଧ କରିଆସିଛନ୍ତି; ଆଗାମୀ ଦିନରେ ତାଙ୍କୁ କୁଆଡ଼େ ଟିକଟ ମିଳିବ ବୋଲି ଦଳ ପ୍ରତିଶ୍ରୁତି ଦେଇଥିବା ଖବର ପ୍ରଚାରିତ ହେବା ପରେ ନନାଙ୍କ ସମର୍ଥକମାନେ ଭାରି ବିଚଳିତ । ମାତ୍ର ନନାଙ୍କ ପରି ପୁରୁଖା ନେତାଙ୍କୁ ଦଳ ଯେ କୋଣଠେସା କରିବ, ସେ କଥା ଅନେକ ବିଶ୍ୱାସ କରିପାରୁ ନାହାନ୍ତି । ନନାଙ୍କ ପାଖରେ ଯେ ଏ ଖବର ପହଞ୍ଚିନଥିବ, ସେ କଥା ନୁହେଁ । ମାତ୍ର ତାଙ୍କୁ ଛାଡ଼ି ଯେ ଦଳର ନୀତି ଆଦର୍ଶର ଧାର ଧାରି ନ ଥିବା ବ୍ୟକ୍ତିଙ୍କୁ ମୁଣ୍ଡେଇବ, ସେ କଥା ବିଶ୍ୱାସ କରିବାକୁ ନନା ପ୍ରସ୍ତୁତ ନୁହନ୍ତି । ହେଲେ ରାଜନୀତିରେ ଯେ କିଛି ଅସମ୍ଭବ ନୁହେଁ, ସେ କଥା ନନାଙ୍କୁ କିଏ ବୁଝାଇବ ? ■



## ଖାକି ମୁଖିଆଙ୍କ ରୋଷ

ରାଜ୍ୟର ବଡ଼ ଖାକିବାବୁମାନେ ଆଜିକାଲି କୁଆଡ଼େ ଅମାନିଆ ହୋଇ ଯାଇଛନ୍ତି । ବିଭାଗର କାର୍ଯ୍ୟକ୍ରମରେ ଯୋଗଦେବ ନିମନ୍ତେ ନିମନ୍ତ୍ରଣକୁ ବି ଭୃକ୍ଷେପ କରୁନାହାନ୍ତି । ଉପାନ୍ତ ଅଞ୍ଚଳ କଥା ଅଲଗା । ମାତ୍ର ରାଜଧାନୀ ଭୁବନେଶ୍ୱର ଓ ପୁରୁଣା ରାଜଧାନୀ କଟକର ଖାକିବାବୁମାନେ ବି କାର୍ଯ୍ୟକ୍ରମରେ ନିୟମିତ ଅନୁପସ୍ଥିତ ରହୁଥିବା ଦେଖଯାଉଛି । ଟ୍ରାଫିକ୍ ଜାମ ଯୋଗୁଁ କଟକିଆ ବଡ଼ ପୁଲିସ ବାବୁମାନେ ହୁଏତ ବିଭାଗର କାର୍ଯ୍ୟକ୍ରମରେ ପହଞ୍ଚି ପାରୁ ନ ଥିବେ ବା ଡ଼େରିରେ ପହଞ୍ଚୁଥିବେ । ମାତ୍ର ଡିଜିଙ୍କ କ୍ୟାମ୍ପ ଅଫିସଠାରୁ ଖୋଜେ ଦୂରରେ ରାଜଧାନୀରେ ଥିବା ପୁଲିସ ବାବୁମାନେ ମୁଖିଆଙ୍କ କାର୍ଯ୍ୟକ୍ରମଗୁଡ଼ିକୁ କାହିଁକି ଆସୁନାହାନ୍ତି; ସେ କଥା ମୁଖିଆ ଖୁରାନିଆ ବୁଝି ପାରୁ ନାହାନ୍ତି । ନିକଟରେ ଖୋଦ୍ କେନ୍ଦ୍ର ଗୃହମନ୍ତ୍ରୀ ଉଦ୍‌ଘାଟନ କରିଥିବା ବିଏନ୍‌ଏସ୍ ଉପରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଅନେକ ବଡ଼ ଖାକି ବାବୁଙ୍କ ଅନୁପସ୍ଥିତି ଖାକି ମୁଖିଆଙ୍କୁ କୁଆଡ଼େ ଭାରି କ୍ଷୁବ୍ଧ କରିଛି । ଦୁଇ ତିନିଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ସବୁ ବଡ଼ ଖାକି ବାବୁମାନଙ୍କୁ ଡିଜିଙ୍କ କାର୍ଯ୍ୟାଳୟରୁ ନିର୍ଦ୍ଦେଶ ଦିଆଯାଇଥିଲା । କିଛି ଖାକି ବାବୁ କାର୍ଯ୍ୟକ୍ରମର ମାଟି ମାଡ଼ିଲେ ନାହିଁ, ଆଉ କିଛି କେବଳ ହାଜିରା ପକାଇ ପଳାଇଲେ । ଅନୁସନ୍ଧାନମୂଳକ ମନୋବିଜ୍ଞାନୀ ବାବୁ ଖୁରାନିଆଙ୍କୁ ନିଜ ବିଭାଗର ଖାକିବାବୁମାନଙ୍କ ଏପରି ମତିଗତି କୁଆଡ଼େ ଆଉ ଅବୁଝା ରହି ନାହିଁ । ଏଥିପାଇଁ ଡିଜି ଓ ଏଡ଼ିଜି ପାହ୍ୟାର ପ୍ରାୟ ତିନି ଡ଼ଜନ ଖାକିବାବୁ ଓ ବାବୁଆଣୀଙ୍କୁ ଚିଠି ଲେଖି ମୁଖିଆ ନିଜର ରୋଷ ଝାଡ଼ିଛନ୍ତି । ଆଗକୁ ଯେପରି ଏହାର ପୁନରାବୃତ୍ତି ନ ହେବ ସେଥିପାଇଁ ତାଗିଦ୍ ବି କରିଥିବା ଆମ କାନରେ ବାଜିଛି । ହେଲେ ବଡ଼ ଖାକିବାବୁମାନେ ଏହାକୁ କର୍ଣ୍ଣପାତ କଲେ ତ ? ■



## ପୋଡ଼ା ମୁହାଁ ଘୋଡ଼ା

ମଣିଷ ସହ ଘୋଡ଼ା ବି ବିବର୍ତ୍ତନର ଅଂଶ ବିଶେଷ । ଚାଷବାସ, ଯୁଦ୍ଧ, କ୍ରୀଡ଼ା ଓ ବିଳାସବ୍ୟସନ ସହ ଜଡ଼ିତ ଥିଲେ ବି ଅନେକ ଘୋଡ଼ାକୁ ଯାନ୍ତ୍ରିକ ଶକ୍ତିର ପ୍ରତୀକ ବୋଲି ମଣିଥାଆନ୍ତି । ତିନିଶହରୁ ଊର୍ଦ୍ଧ୍ୱ ପ୍ରଜାତି ଥିଲେ ବି ଗବେଷକମାନେ ଘୋଡ଼ାମାନଙ୍କୁ ହଟ ବ୍ଲଡ଼, ୱାର୍ମ ବ୍ଲଡ଼ ଓ କୋଲ୍ଡ ବ୍ଲଡ଼ ଭାବରେ ବର୍ଗୀକୃତ କରିଛନ୍ତି । ମାତ୍ର ରାଜନୀତି ଓ କ୍ରସ ଭୋଟିଂ ସହ ଘୋଡ଼ାମାନଙ୍କର କି ସମ୍ପର୍କ ରହିଛି ଓ କାହିଁକି ଦାଗୀମାନଙ୍କୁ ଘୋଡ଼ା ସହ ତୁଳନା କରାଯାଉଛି, ସେ ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ଗବେଷଣାଗତ ତଥ୍ୟ ଏଯାଏ ଉପଲବ୍ଧ ନାହିଁ । ଶୁଣିବା କଥା ହେଲା ଜାପାନର ଗୋଟିଏ ଘୋଡ଼ା 'ହାରୁ ଉରାରା'କୁ ସାରା ବିଶ୍ୱରେ ସବୁଠୁ ନିର୍ଲଜ ଓ ଘୃଣିତ ଘୋଡ଼ା ବୋଲି କୁହାଯାଏ । ଏହି ଘୋଡ଼ାଟିକୁ ତାର ମାଲିକ ଭାରି ଭଲ ପାଉଥିଲେ, ତା' ପାଇଁ ସବୁ ସୁଖ ସୁବିଧା ଖଞ୍ଜିଥିଲେ । ଯତ୍ନର ସହ ନିଜ ଅସ୍ତାବଲରେ ରଖିଥିଲେ । ମାତ୍ର 'ହାରୁ ଉରାରା' ତା' ମାଲିକକୁ ୧୧୩ ଥର ଠକିଥିଲା । ଏବେ ରାଜ୍ୟ ରାଜନୀତିରେ ନିଜକୁ 'ହାରୁ ଉରାରା' ମାନ୍ୟତା ଦେଇଥିବା ଘୋଡ଼ାମାନେ ବାହାରେ ମୁଣ୍ଡ ହଲାଇ, ଲାଞ୍ଜ ଛିଟାଡ଼ି ଯେତେ ଝାଳନାଳ ହେଲେ ବି ଲୋକଙ୍କ ଆଖିରେ ଆଖି ମିଳାଇବାକୁ ସାହସ ଜୁଟାଇ ପାରୁ ନାହାନ୍ତି । ପୋଡ଼ା ମୁହଁ ନେଇ ନିଜ ଦଳର ଲୋକଙ୍କ ମେଳରେ ବସିବାକୁ ବି ସେମାନଙ୍କୁ ସରମ ଲାଗୁଛି । ବିବେକ, ଲିଗାସୀ, ପ୍ରତିଶୋଧ, ପ୍ରତିବାଦର ଯେତେ ବାହାନା ଦେଖାଇଲେ ବି ନୈତିକତାର ନିକିତିରେ ଲୋକେ ତଉଲୁଥିବା ମୂଲ୍ୟ ସମ୍ଭବତଃ ସେମାନଙ୍କ ମୁହଁକୁ ପୋଡ଼ି ଦେଇଛି । ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।